Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଲବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

✦Vol - 22✦ Issue No:61✦23 June 2026 (Tuesday) ✦ Rourkela ✦ Rs.2.00 ✦ Page -1 ✦୨୨ ବର୍ଷ ✦ସଂଖ୍ୟା:୬୧✦୨୩ ଜୁନ୍ ୨୦୨୬ (ମଙ୍ଗଳବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

କୋଚିଂ ସେଣ୍ଟରରେ ଲାଗିଲା ନିଆଁ :

ଜୀବନ ବଚାଂଇବା ପାଇଁ କୋଠାରୁ ଡ଼େଇଁଲେ ଛାତ୍ରଛାତ୍ରୀ

ଲକ୍ଷ୍ନୌ,୨୨/୬: ସୋମବାର ଲକ୍ଷ୍ନୌର ଅଲିଗଞ୍ଜ ସ୍ଥିତ ପୂର୍ଣ୍ଣିଆ ଅଟଂଳରେ ଏକ କୋଚିଂ ସେଣ୍ଟରରେ ଭୀଷଣ ଅଗ୍ନିକାଣ୍ଡ ଘଟିଛି । ଅଗ୍ନିଶମ କର୍ମଚାରୀଙ୍କ ୮ଟି ଗାଡ଼ି ଘଟଣାସ୍ଥଳକୁ ପଠାଯାଇଛି ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ବର୍ତ୍ତମାନ କେହି ମୃତାହତ ହେବାର ସୂଚନା ଆସି ନାହିଁ , କିନ୍ତୁ ଅନେକ ଛାତ୍ରଛାତ୍ରୀଙ୍କ ବିଲ୍ଡିଂ ଭିତରେ ଫସି ରହିବାର ଆଶଙ୍କା କରାଯାଉଛି । ପୁଲିସ ସୂତ୍ରାନୁସାରେ, କିଛି ଛାତ୍ରଛାତ୍ରୀ ନିଆଁ କବଳରୁ ନିଜର ରକ୍ଷା କରିବାକୁ ଯାଇ ବଲ୍ଡିଂରୁ ତଳକୁ ଡ଼େଇଁ ପଡ଼ିଛନ୍ତି । କିଙ୍ଗ ଜର୍ଜ ମେଡିକାଲ ୟୁନିଭର୍ସିଟି (କେଜିଏମୟୁ)ର ଟ୍ରମା ସେଣ୍ଟରର ପ୍ରଫେସର ପ୍ରେମରାଜ ସିଂହ କହିଛନ୍ତି ଯେ, ଦୁଇ ଜଣ ଆହତ ବ୍ୟକ୍ତିଙ୍କୁ ଜରୁରୀକାଳୀନ ୱାର୍ଡକୁ ଅଣାଯାଇ ଥିବା ବେଳେ ଆଉ ୧୫ ଜଣ ବ୍ୟକ୍ତିଙ୍କ ଆସିବାର ଆଶା କରାଯାଉଛି । ଜଣେ ସ୍ଥାନୀୟ ନିବାସୀ ପିଟିଆଇକୁ କହିଛନ୍ତି ଯେ, ନିଆଁ ସ୍ପାର୍କ ହୋଇ ଲାଗି ଥାଇ ପାରେ । ନିବାସୀଙ୍କ କହିବାନୁସାରେ,ସାତରୁ ଆଠ ଜଣ ଛାତ୍ରଛାତ୍ରୀ ନିଜର ଜୀବନ ବଚାଂଇବା ପାଇଁ କୋଠାରୁ ଡ଼େଇପଡ଼ି ଥିଲେ । ପ୍ରାୟ ୨୦ରୁ ୨୫ ଜଣ ଛାତ୍ରଛାତ୍ରୀ ଏବେ ବି କୋଚିଂ ସେଟଂର ଭିତରେ ଫସି ରହିଥିବାର ଆଶଙ୍କା କରାଯାଉଛି । ଉତର ପ୍ରଦେଶର ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ କହିଛନ୍ତି , ଲକ୍ଷ୍ନୌର ସେକ୍ଟର –ଡି ସ୍ଥିତ ପୁରାନିଆ କୋଚିଂ ସେଣ୍ଟରରେ ଅଗ୍ନିକାଣ୍ଡ ସୂଚନା ସରକାର ପାଇଛନ୍ତି । ସେ କହିଛନ୍ତି , ଆହତଙ୍କ ହସ୍ପିଟାଲରେ ଭର୍ତ୍ତି କରାଯାଉଛି । ସଂପୃକ୍ତ ଅଧିକାରୀଙ୍କ ସଠିକ୍ ଭାବେ ଚିକିତ୍ସାର ଦେଖାଶୁଣା କରିବା ଓ ଯଥା ସମ୍ଭବ ସହାୟତା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଶେଷଜ୍ଞ ଡାକ୍ତରଙ୍କ ଏକ ଟିମ୍ ଓ ଛଅଟି ଆମ୍ବୁଲାନ୍ସ ଘଟଣାସ୍ଥଳକୁ ପଠାଯାଇ ଥିବାର ପାଠକ କହିଛନ୍ତି ଏବଂ ସେ ନିଜେ ମଧ୍ୟ ଘଟଣାସ୍ଥଳକୁ ଯାଉଛନ୍ତି । ସେ ନିଜର ଏକ ପୋଷ୍ଟରେ ଲେଖିଛନ୍ତି – ମୁଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛି କି ସମସ୍ତ ଆହତ ଖୁବ୍ ଶୀଘ୍ର ସୁସ୍ଥ ହୋଇ ଯାଆନ୍ତୁ । ଅଗ୍ନିକାଣ୍ଡ ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ଅଗ୍ନିଶମ ବାହିନୀର ଦଳ ତୁରନ୍ତ ଘଟଣାସ୍ଥଳରେ ପହଟିଂ ନିଆଁକୁ ନିୟନ୍ତ୍ରଣ କରିବାକୁ ପ୍ରୟାସ ଜାରି ରଖିଛନ୍ତି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଖବର ପାଇବା ପରେ ଅଧିକାରୀମାନଙ୍କୁ ତୁରନ୍ତ ଘଟଣାସ୍ଥଳରେ ପହଟିଂବା ସହିତ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇବା ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।ଜଣେ ଅଗ୍ନିଶମ କର୍ମଚାରୀଙ୍କ କହିବାନୁସାରେ ନିଆଁ ଲାଗିଥିବା କୋଚିଂ ସେଣ୍ଟର ଭିତରେ ତାଲିମ ନେଉଥିବା ୧୦ ରୁ ୧୨ ଜଣ ପିଲା ଫସି ରହିଛନ୍ତି । ନିଆଁକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଘଟଣାସ୍ଥଳରେ ଚାରୋଟି ଅଗ୍ନିଶମ ଗାଡ଼ି ମହଜୁଦ ରହିଛି ।

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଆଲୋଚନା ନେଇ ପ୍ରସ୍ତୁତି

ଶୁଳ୍କ ସଙ୍କଟକୁ ଏଡାଇବା ପାଇଁ ପ୍ରୟାସ

ନୂଆଦିଲ୍ଲୀ,୨୨।୬: ଭାରତ ଏବଂ ଆମେରିକା ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି (ଇଞ୍ଜଇ)କୁ ଆଗକୁ ବଢ଼ାଇବା ପାଇଁ ଆଲୋଚନାକୁ ତ୍ୱରାନ୍ୱିତ କରିବାକୁ ଯାଉଛନ୍ତି । ଭାରତରେ ଅବସ୍ଥାପିତ ଆମେରିକୀୟ ରାଷ୍ଟ୍ରଦୂତ ସର୍ଗିଓ ଗୋର୍ ସୋମବାର କହିଛନ୍ତି ଆମେରିକୀୟ ବାଣିଜ୍ୟ ପ୍ରତିନିଧି ଜାମିସନ୍ ଗ୍ରିଅର୍ ନୂଆଦିଲ୍ଲୀରେ କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲଙ୍କ ସହ ଅନେକ ପର୍ଯ୍ୟାୟ ବୈଠକ କରିବେ । ଏହି ବୈଠକର ଉଦେଶ୍ୟ ଆସନ୍ତା ମାସରୁ ଲାଗୁ ହେଉଥିବା ଏକ ଗୁରୁତ୍ୱପୂର୍ଣ୍ଣ ଟାରିଫ୍ ସମୟସୀମା ପୂର୍ବରୁ ଏକ ବାଣିଜ୍ୟ ଚୁକ୍ତିକୁ ଆଗକୁ ବଢ଼ାଇବା ପାଇଁ ଲକ୍ଷ୍ୟ ରଖାଯାଇଛି । ସର୍ଗିଓ ଗୋର୍ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି କହିଛନ୍ତି, ନୂଆଦିଲ୍ଲୀରେ ରାଷ୍ଟ୍ରଦୂତ ଗ୍ରୀରଙ୍କ ସ୍ୱାଗତ କରିବାକୁ ଉତ୍ସାହିତ ଅଛି । ଆମେରିକା-ଭାରତ ବାଣିଜ୍ୟ ଚୁକ୍ତିକୁ ଆଗକୁ ବଢ଼ାଇବା ପାଇଁ ସଚିବ ପୀୟୁଷ ଗୋୟଲଙ୍କ ସହ ଏକ ସିରିଜ ବୈଠକ ସ୍ଥିର ହୋଇଛି । ଗ୍ରିୟରଙ୍କ ଗୋୟଲଙ୍କ ସହ ଆଲୋଚନା ଏପରି ସମୟରେ ହୋଇଛି ଯେତେବେଳେ ଦୁଇ ଦେଶ ଆସନ୍ତା ମାସରେ ଏକ ଗୁରୁତ୍ୱପୂର୍ଣ୍ଣ ଶୁଳ୍କ ସମୟସୀମା ପୂର୍ବରୁ ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିର ପ୍ରଥମ ପର୍ଯ୍ୟାୟ ପାଇଁ ଢାଚାଂ ଚୂଡ଼ାନ୍ତ କରିବାକୁ ଚେଷ୍ଟା କରୁଛନ୍ତି । ଏହି ମନ୍ତ୍ରୀସ୍ତରୀୟ ବୈଠକ ଭାରତ ଏବଂ ଆମେରିକା ମଧ୍ୟରେ ଏକ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ପାଇଁ ଚାଲିଥିବା ଆଲୋଚନାର ଏକ ଅଂଶ । ଏହା ବିଶ୍ୱାସ କରାଯାଉଛି ଯେ ଏହି ମଧ୍ୟବର୍ତ୍ତୀକାଳୀନ ଚୁକ୍ତି ଭବିଷ୍ୟତରେ ଏକ ବ୍ୟାପକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ପାଇଁ ପଥ ପ୍ରଶସ୍ତ କରିବ । ଗତ ରବିବାର, କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋୟଲ ଘୋଷଣା କରିଥିଲେ ଯେ ତାଙ୍କର ଆମେରିକୀୟ ପ୍ରତିପକ୍ଷ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା କରିବା ପାଇଁ ଆସନ୍ତାକାଲି ନୂଆଦିଲ୍ଲୀ ଆସୁଛନ୍ତି ।' ଚଳିତ ମାସ ଆରମ୍ଭରେ ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଥିଲେ ଦୁଇ ଦେଶ ମଧ୍ୟରେ ଆଲୋଚନାର ମୁଖ୍ୟ ଉଦ୍ଦେଶ୍ୟ ହେବ ଢାଚାଂ ଚୁକ୍ତିକୁ ଚୂଡ଼ାନ୍ତ କରିବା ଏବଂ ଏକ ବ୍ୟାପକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନାକୁ ଆଗକୁ ବଢାଇବା ।

ଚେନ୍ନାଇ ଗ୍ୟାସ ଲିକ୍ ଘଟଣା :

ଆହତ ଶ୍ରମିକଙ୍କ ସ୍ଥିତି ସମୀକ୍ଷା ପାଇଁ ପହଟିଂଲା ଓଡ଼ିଶା ସରକାରଙ୍କ ଟିମ୍

ଭୁବନେଶ୍ୱର,୨୨/୬(ନି/ପ୍ର): ଚେନ୍ନାଇରେ ଘଟିଥିବା ଦୁର୍ଭାଗ୍ୟଜନକ ଗ୍ୟାସ ଲିକ୍ ଘଟଣା ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ଟିମ୍ ଚେନ୍ନାଇରେ ପହଟିଂଛନ୍ତି ।ଟିମ୍ର ନେତୃତ୍ୱ ନେଉଥିବା ଶ୍ରମ ଓ ଇଏସଆଇ ବିଭାଗର ସ୍ୱତନ୍ତ୍ର ସଚିବ ରାଜେଶ ଅଗ୍ରୱାଲାଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ଜଣେ ମୃତ ଶ୍ରମିକଙ୍କ ମୃତଦେହ ଗତକାଲି ରାତିରେ ଚେନ୍ନାଇକୁ ସ୍ଥାନାନ୍ତର କରାଯାଇଥିବାବେଳେ ଆଜି ତାଙ୍କର ବ୍ୟବଚ୍ଛେଦ ପରୀକ୍ଷା (ପୋଷ୍ଟମର୍ଟମ) କରାଯିବ । ସ୍ଥିତି ଅନୁଧ୍ୟାନ କରୁଛନ୍ତି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓଡ଼ିଶା ଟିମ୍ର ସଦସ୍ୟ ଏମ୍.ଏମ୍. ପାଇକ ଚେନ୍ନାଇରେ ରହି ଯୁଗ୍ମ ଶ୍ରମ ଆୟୁକ୍ତ ଏବଂ ସରକାରୀ ମେଡିକାଲ କଲେଜ ହସ୍ପିଟାଲର ଅଧିକାରୀମାନଙ୍କ ସହ ସମନ୍ୱୟ ରକ୍ଷା କରି ପୋଷ୍ଟମର୍ଟମ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମ୍ପାଦନ କରିବେ । ରାଜେଶ ଅଗ୍ରୱାଲା ଏବଂ ବି.ବି. ଆଚାର୍ଯ୍ୟ ଚେନ୍ନାଇରେ ପହଟିଂବା ପରେ ତିରୁଭାଲୁର ଅଭିମୁଖେ ଯିବେ । ସେଠାରେ ଚିକିତ୍ସାଧୀନ ଆହତ ଶ୍ରମିକମାନଙ୍କ ସ୍ୱାସ୍ଥ୍ୟାବସ୍ଥାର ସମୀକ୍ଷା କରାଯିବ । କେତେକ ଆହତଙ୍କ ଅବସ୍ଥା ଏପର୍ଯ୍ୟନ୍ତ ସଙ୍କଟାପନ୍ନ ରହିଛି । ଅନ୍ୟ ଜଣେ ମୃତ ଶ୍ରମିକଙ୍କ ମୃତଦେହ ମଧ୍ୟ ବର୍ତ୍ତମାନ ତିରୁଭାଲୁରରେ ରହିଛି । ପ୍ରାୟ ୧୩୦ ଜଣ ଶ୍ରମିକଙ୍କୁ ନିକଟସ୍ଥ ଏକ ମଣ୍ଡପ/କମ୍ୟୁନିଟି ହଲ୍ରେ ରଖାଯାଇଛି । ସେମାନଙ୍କ ପାଇଁ ଖାଦ୍ୟ ଏବଂ ଅନ୍ୟାନ୍ୟ ଆବଶ୍ୟକ ବ୍ୟବସ୍ଥା କରାଯାଇଛି । ଚେନ୍ନାଇ ଏବଂ ତିରୁଭାଲୁରର ବରିଷ୍ଠ ଶ୍ରମ ବିଭାଗୀୟ ଅଧିକାରୀମାନଙ୍କ ସହ ଯୋଗାଯୋଗ ସ୍ଥାପିତ ହୋଇଥିବାବେଳେ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ଜାରି ରହିଛି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି । ତାମିଲନାଡୁର ତିରୁଭଲୁରଠାରେ ଘଟିଥିବା ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ୭ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୭୦ରୁ ଅଧିକ ଗୁରୁତର ଅଛନ୍ତି । ଏଥିରେ ଓଡ଼ିଶାର ୨ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଥିବା କୁହାଯାଉଥିବା ବେଳେ ବହୁ ଶ୍ରମିକ ହସ୍ପିଟାଲରେ ଭର୍ତି ହୋଇଛନ୍ତି । ତାମିଲନାଡୁ ଗ୍ୟାସ୍ ଦୁର୍ଘଟଣାରେ ଓଡ଼ିଆ ଲୋକ ଫସିଥିବା ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ।ପ୍ରାଣ ହରାଇଥିବା ଶ୍ରମିକଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ଗଭୀର ସମବେଦନା ଜଣାଇବା ସହ ଆହତ ଓଡ଼ିଆ ଶ୍ରମିକମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।ଦୁର୍ଘଟଣାଗ୍ରସ୍ତ ଶ୍ରମିକମାନଙ୍କ ସହାୟତା ପାଇଁ ଓଡ଼ିଶା ସରକାର ନିରନ୍ତର ତାମିଲନାଡୁ ପ୍ରଶାସନ ସହ ଯୋଗାଯୋଗରେ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଆମେରିକା-ଇରାନ ଆଲୋଚନାରେ କୂଟନୀତିକ ଶୀତଳତା :

ଭାନ୍ସଙ୍କ ସହ ହାତ ମିଳାଇଲେ ନାହିଁ କତାର ମନ୍ତ୍ରୀ

ବେର୍ନ,୨୨/୬: ସ୍ୱିଜରଲ୍ୟାଣ୍ଡରେ ଆମେରିକା ଏବଂ ଇରାନର ଆଲୋଚନାକାରୀ ଅଧିକାରୀମାନେ ସୋମବାର ସକାଳ ପର୍ଯ୍ୟନ୍ତ ଆଲୋଚନା ଜାରି ରଖିଥିଲେ, କିନ୍ତୁ ମଧ୍ୟପ୍ରାଚ୍ୟରେ ଶାନ୍ତି ପୁନଃସ୍ଥାପନ ପାଇଁ ଏକ ସହମତି ହୋଇ ପାରିନାହିଁ । ମଧ୍ୟପ୍ରାଚ୍ୟକୁ ଅସ୍ଥିର କରୁଥିବା ଏବଂ ବିଶ୍ୱ ଶକ୍ତି ବଜାର ସଙ୍କଟ ସୃଷ୍ଟି କରିଥିବା ଏକ ମାସ ଧରି ଚାଲିଥିବା ସଂଘର୍ଷର ଅନ୍ତ ଘଟାଇବା ପାଇଁ ଉଭୟ ପକ୍ଷ ଏକ ଦୁର୍ବଳ ଚୁକ୍ତିକୁ ଆଗକୁ ବଢାଇବାକୁ ଚେଷ୍ଟା କରୁଥିଲେ । ଆଲୋଚନା ବିଷୟରେ ସୂଚନା ଦେଇଥିବା ଆମେରିକୀୟ କୂଟନୀତିଜ୍ଞ କହିଛନ୍ତି ଯେ, ସ୍ୱିଜରଲ୍ୟାଣ୍ଡ ରିସର୍ଟ ବର୍ଜେନଷ୍ଟକରେ ଅନୁଷ୍ଠିତ ଆଲୋଚନା ସାରା ରାତି ଚାଲିବ ବୋଲି ଆଶା କରାଯାଉଥିଲା, କିନ୍ତୁ ବିଳମ୍ବିତ ରାତିରେ ଉତ୍ତେଜନା ଯୋଗୁଁ ଇରାନୀ ପ୍ରତିନିଧିମଣ୍ଡଳୀ ଅଧାରୁ କଥାବାର୍ତ୍ତା ଛାଡି ବାହାରକୁ ଚାଲିଯାଇଥିଲେ । ମଧ୍ୟପ୍ରାଚ୍ୟ ସଙ୍କଟ ଉପରେ ଶେଷ ପର୍ଯ୍ୟାୟ ଆଲୋଚନା ଏକ କଷ୍ଟକର ଢଙ୍ଗରେ ଆରମ୍ଭ ହୋଇଥିଲା । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମନ୍ତବ୍ୟ ପରେ ଇରାନୀ ପ୍ରତିନିଧିମଣ୍ଡଳୀ ଆଲୋଚନାରୁ କିଛି ସମୟ ପାଇଁ ଓହରି ଯାଇଥିଲେ । ଲେବାନନରେ ହିଜବୁଲ୍ଲାର ଆକ୍ରମଣକୁ ସମର୍ଥନ କରୁଥିବାରୁ ଟ୍ରମ୍ପ ତେହେରାନକୁ ଚେତାବନୀ ଦେଇଥିଲେ । ତେବେ ଆଲୋଚନା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସମାପ୍ତ ହୋଇନାହିଁ । ଆଗାମୀ ୬୦ ଦିନ ପାଇଁ ଆଲୋଚନା ଜାରି ରହିବ । ଏହି ସମୟରେ, ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତେଜନା ଏବଂ ପରିବର୍ତ୍ତନଶୀଳ କୂଟନୈତିକ ଗତିଶୀଳତା ମଧ୍ୟରେ, ସ୍ୱିଜରଲ୍ୟାଣ୍ଡରେ ଅନ୍ତର୍ଜାତୀୟ ବୈଠକ ସମୟରେ ଏପରି ଦୃଶ୍ୟ ସାମ୍ନାକୁ ଆସିଛି ଯାହା ବିଶ୍ୱ ରାଜନୈତିକ ମହଲରେ ନୂତନ ବିତର୍କ ସୃଷ୍ଟି କରିଛି । ବୈଠକକୁ ଆସିଥିବା ପ୍ରତିନିଧିମାନଙ୍କ ଆଚରଣ ଆଲୋଚନାର ବିଷୟ ପାଲଟିଛି । ସ୍ୱିଜରଲ୍ୟାଣ୍ଡରେ ଇରାନ-ଆମେରିକା ଶାନ୍ତି ଆଲୋଚନାରେ ଉପସ୍ଥିତ ବିଭିନ୍ନ ଦେଶର ପ୍ରତିନିଧିମାନଙ୍କ କାର୍ଯ୍ୟ ଏବଂ ପାରସ୍ପରିକ କ୍ରିୟା ଆଲୋଚନାର ବିଷୟ ପାଲଟିଛି । ସେମାନଙ୍କର ହାବଭାବ ଏବଂ ଉଦ୍ଦେଶ୍ୟ ମଧ୍ୟ କ୍ୟାମେରାରେ କଏଦ ହୋଇଛି । ଏହି ଭିଡିଓଗୁଡ଼ିକ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି ।ଏହି କାର୍ଯ୍ୟକ୍ରମରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବଂ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିରଙ୍କ ଉପସ୍ଥିତିକୁ ନେଇ ମଧ୍ୟ ଆଲୋଚନା ହେଉଛି । ସୋସିଆଲ ମିଡିଆରେ ସେୟାର ହୋଇଥିବା ଫଟୋ ଏବଂ ଭିଡିଓଗୁଡ଼ିକ ଭିନ୍ନ କଥା ବ୍ୟାଖ୍ୟା କରୁଛି । ସେମାନଙ୍କ ଉପସ୍ଥିତି ସୋସିଆଲ ମିଡିଆରେ ବିଭିନ୍ନ ପ୍ରତିକ୍ରିୟା ସୃଷ୍ଟି କରିଛି । ରିପୋର୍ଟ ଅନୁଯାୟୀ, ଜଣେ ବରିଷ୍ଠ କତାର ମନ୍ତ୍ରୀ ଏବଂ ଆମେରିକାର ଉପରାଷ୍ଟ୍ରପତି ଜେଡିଭାନ୍ସଙ୍କ ମଧ୍ୟରେ ଆନୁଷ୍ଠାନିକ ଅଭିବାଦନକୁ ନେଇ ପ୍ରଶ୍ନ ଉଠିଛି ।

ଆସୁଛି ଦୁଇଟି ଲଘୁଚାପ ; ସକ୍ରିୟ ହେବ ମୌସୁମି

ଭୁବନେଶ୍ୱର,୨୨/୬(ନି/ପ୍ର): ଦକ୍ଷିଣ-ପଶ୍ଚିମ ମୌସୁମି ବାୟୁ ନିଷ୍କ୍ରିୟ ରହିବା ହେତୁ ଅନେକ ସ୍ଥାନକୁ ଅଗ୍ରସର ହୋଇପାରିନି । କିନ୍ତୁ ଧୀରେ ଧୀରେ ମୌସୁମି ସକ୍ରିୟ ହେବାରେ ଲାଗିଛି । ଜୁନ୍ ଶେଷ ସପ୍ତାହ ବେଳକୁ ଉତର ବଙ୍ଗୋପସାଗରରେ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାକୁ ଥିବାବେଳେ ଜୁଲାଇ ପ୍ରଥମ ସପ୍ତାହରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଆଗପଛ ହୋଇ ଦୁଇଟି ଲଘୁଚାପ ବଙ୍ଗୋପସାଗରରେ ଆସୁଥିବାରୁ ରାଜ୍ୟରେ ମୌସୁମି ଆହୁରି ସକ୍ରିୟ ହେବ ଏବଂ ବର୍ଷା ପରିମାଣ ବୃଦ୍ଧି ପାଇବାର ସମ୍ଭାବନା ରହିବ । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁଯାୟୀ, ଆସନ୍ତା ୨୩ ତାରିଖ ବେଳକୁ ଓଡ଼ିଶାର ଆଉ କିଛି ଅଟଂଳରେ ମୌସୁମି ପ୍ରବେଶ କରିବା ନିମନ୍ତେ ପାଗ ଅନୁକୂଳ ରହିଛି । ରବିବାର ସୁବର୍ଣ୍ଣପୁର, ବରଗଡ, ବଲାଙ୍ଗିର, ଝାରସୁଗୁଡା, କେନ୍ଦୁଝର, ସମ୍ବଲପୁର ଏବଂ ହୀରାକୁଦ ଆଦି ଅଟଂଳରେ ବର୍ଷା ହୋଇଛି । ଆସନ୍ତା ୨୪ ଘଟାଂ ମଧ୍ୟରେ କୋରାପୁଟର କିଛି ଅଟଂଳରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ସେହିପରି ଦକ୍ଷିଣ, ଉପକୂଳ, ପଶ୍ଚିମ ଏବଂ ଉତର ଓଡ଼ିଶାର ଅନେକ ସ୍ଥାନରେ ବିଜୁଳି ଘଡଘଡି ସହିତ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ପାଣିପାଗ ବିଶେଷଜ୍ଞ ବିଶ୍ୱଜିତ ସାହୁ କହିଛନ୍ତି, ଜୁନ୍ ୨୪ ବେଳକୁ ବଙ୍ଗୋପସାଗର ରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଉତ୍ତର ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଟଂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ସମ୍ଭାବ୍ୟ ଲଘୁଚାପ ପ୍ରଭାବ ଦକ୍ଷିଣ ଓଡ଼ିଶାରେ ଅଧିକ ରହିପାରେ । ରାଜ୍ୟର ଅନ୍ୟାନ୍ୟ ଅଟଂଳରେ ବି ମଧ୍ୟମ ଧରଣ ବର୍ଷାର ସମ୍ଭାବନା ରହିଛି । ଜୁଲାଇ ପ୍ରଥମ ସପ୍ତାହରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଆଗପଛ ହୋଇ ଦୁଇଟି ଲଘୁଚାପ ବଙ୍ଗୋପସାଗରରେ ସୃଷ୍ଟି ହେବାର ସମ୍ଭାବନା ଥିବାରୁ ଧୀରେ ଧୀରେ ମୌସୁମି ସକ୍ରିୟ ହେବ ବୋଲି ସେ କହିଛନ୍ତି ।

ଆମ ସରକାର ସୃଜନଶୀଳତାର ସ୍ୱାଧୀନତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଦୃଢ଼ ବିଶ୍ୱାସ ରଖିଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨/୬(ନି/ପ୍ର): ବିଜେପି ଓଡ଼ିଶା ପକ୍ଷରୁ 'ସୃଜନ ସମ୍ବାଦ: ଡିଜିଟାଲ୍କ୍ରିଏଟର୍ସ ମିଟ୍' ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର ପ୍ରମୁଖ ସାମିଲ ହୋଇ ରାଜ୍ୟର ଅଗ୍ରଣୀ ସୃଜନଶୀଳ କ୍ରିଏଟର ଏବଂ ଡିଜିଟାଲ୍ ମିଡିଆ ପ୍ରତିନିଧିମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ, ଆଜିର ପ୍ରଯୁକ୍ତିବିଦ୍ୟା ଯୁଗରେ ସୂଚନା ଓ ପ୍ରସାରଣର ସବୁଠାରୁ ବଡ଼ ଏବଂ ଶକ୍ତିଶାଳୀ ମାଧ୍ୟମ ସାଜିଛି ସୋସିଆଲ ମିଡ଼ିଆ, ଯାହା ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ 'ଚାଏ ପେ ଚର୍ଚ୍ଚା' ସମୟରୁ ହିଁ ନିଜର ବ୍ୟାପକ ପ୍ରଭାବ ପ୍ରମାଣିତ କରିସାରିଛି । ଗତ ସରକାର ସମୟରେ ସମାଲୋଚନାକୁ ନାଲି ଆଖି ଦେଖାଇ ସ୍ୱର ଚପାଇବାର ପ୍ରୟାସ କରାଯାଉଥିବା ବେଳେ ଆମ ସରକାର ସୃଜନଶୀଳତାର ସ୍ୱାଧୀନତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଦୃଢ଼ ବିଶ୍ୱାସ ରଖିଛି । ଏହି ପରିପ୍ରେକ୍ଷୀରେ, ଭ୍ରମାତ୍ମକ କ୍ଲିକ୍ବେଟ୍ ଓ ଶସ୍ତା ପ୍ରସିଦ୍ଧିର ମୋହରୁ ଦୂରରେ ରହି ଉନ୍ନତ ମାନର ଉଦ୍ଦେଶ୍ୟଭିତ୍ତିକ ବିଷୟବସ୍ତୁ ଉପରେ ଗୁରୁତ୍ୱ ଦେବାକୁ ମୁଁ ସମସ୍ତ କ୍ରିଏଟରମାନଙ୍କୁ ଆହ୍ୱାନ କରିଛି । ଆମ ସରକାରଙ୍କ ଜନହିତକର ପ୍ରୟାସ ଏବଂ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଓ ଅନନ୍ୟ ପରମ୍ପରାକୁ ଡିଜିଟାଲ୍ ମାଧ୍ୟମରେ ବିଶ୍ୱ ଦରବାରରେ ସଠିକ୍ ଭାବେ ଉପସ୍ଥାପନ କରି 'ବିକଶିତ ଭାରତ' ସହ 'ସମୃଦ୍ଧ ଓଡ଼ିଶା' ଗଠନର ସ୍ୱପ୍ନକୁ ସାକାର କରିବାରେ ସମସ୍ତେ ସକାରାତ୍ମକ ସାରଥି ସାଜନ୍ତୁ ।

କୀର ଷ୍ଟାର୍ମରଙ୍କ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା :

ଲଣ୍ଡନ,୨୨/୬: ବ୍ରିଟିଶ ପ୍ରଧାନମନ୍ତ୍ରୀକୀ ର ଷ୍ଟାର୍ମର ତାଙ୍କ ପଦରୁ ଇସ୍ତଫା ଦେବା ସମ୍ପର୍କରେ ଘୋଷଣା କରିଛନ୍ତି । ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ନିର୍ବାଚିତହେବା ପର୍ଯ୍ୟନ୍ତ ସେ ଏହି ପଦବୀରେ ରହିବେ । ଜାତି ଉଦ୍ଦେଶ୍ୟରେ ତାଙ୍କ ଅଭିଭାଷଣରେ ସେ ଲୋକଙ୍କୁ ସୂଚନା ଦେଇଛନ୍ତି ଯେ,ସେ ଏହି ବିଷୟରେ ରାଜା ଚାର୍ଲ୍ସ ତୃତୀୟଙ୍କ ସହ କଥା ହୋଇଛନ୍ତି । ଏହା ବ୍ରିଟେନରେ ରାଜନୈତିକ ଅସ୍ଥିରତାକୁ ଆହୁରି ବଢ଼ାଇଛି । ଗତ ୧୦ ବର୍ଷ ମଧ୍ୟରେ ପଦ ଛାଡିବାରେ କୀର ଷ୍ଟାର୍ମର ହେଉଛନ୍ତି ଷଷ୍ଠ ପ୍ରଧାନମନ୍ତ୍ରୀ । ସେ କହିଛନ୍ତି ପରିସ୍ଥିତି ପାଇଁ ମୁଁ ଦାୟୀ । ତାଙ୍କ ଉପରେ ଗତ କିଛି ଦିନ ଧରି ଲେବର ପାର୍ଟି ନେତା ପଦରୁ ଇସ୍ତଫା ଦେବା ପାଇଁ ଚାପ ବଢ଼ିବାରେ ଲାଗିଥିଲା ଆଣ୍ଡି ବର୍ନହାମ ନୂତନ ବ୍ରିଟିଶ ପ୍ରଧାନମନ୍ତ୍ରୀ ହେବାକୁ ନେଇ ଚାପ ବଢୁଥିଲା । ଗତ ସପ୍ତାହରେ, ଆଣ୍ଡି ବର୍ନହାମ ଉତ୍ତର ଇଂଲଣ୍ଡର ମେକରଫିଲ୍ଡ ଉପନିର୍ବାଚନରେ ଜଣେ ଦକ୍ଷିଣପନ୍ଥୀ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି ଏକ ବଡ଼ ବିଜୟ ହାସଲ କରିଥିଲେ । ଏହି ବିଜୟ ପ୍ରଧାନମନ୍ତ୍ରୀ ପଦ ପାଇଁ ତାଙ୍କର ଦାବିକୁ ଆହୁରି ମଜବୁତ କରିଥିଲା ।

୯୧.୫% ହିତାଧିକାରୀ ପାଇଲେ ଦୁଇ ମାସର ଭତା

ଭୁବନେଶ୍ୱର,୨୨/୬(ନି/ପ୍ର): ରାଜ୍ୟର ଲକ୍ଷାଧିକ ଭତା ହିତାଧିକାରୀଙ୍କ ପାଇଁ ଖୁସି ଖବର । ଏକାଥରେ ମିଳିଲା ଦୁଇ ମାସର ଭତା ରାଶି । ଏପ୍ରିଲ୍ ଓ ମେ ମାସର ଭତ୍ତା ହିତାଧିକାରୀଙ୍କ ଖାତାକୁ ଜମା ହୋଇଥିବା ବେଳେ, ଜୁନ୍ ମାସର ଭତ୍ତା ପ୍ରଦାନ ପ୍ରକ୍ରିୟା ମଧ୍ୟ ଜାରି ରହିଛି । ଏନେଇ ସୂଚନା ଦେଇଛନ୍ତି ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ରାଜ୍ୟର ୧୭ ଲକ୍ଷ ୬୦ ହଜାର ୪୩୫ ଜଣ ଭତା ହିତାଧିକାରୀଙ୍କୁ ଏକାଥରେ ଏପ୍ରିଲ୍ ଓ ମେ ମାସର ଭତ୍ତା ରାଶି ପ୍ରଦାନ କରାଯାଇଛି । ସରକାରଙ୍କ ଏହି ପଦକ୍ଷେପ ଫଳରେ ବୃଦ୍ଧ, ଦିବ୍ୟାଙ୍ଗ, ବିଧବା ଓ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଯୋଜନାର ଲାଭାର୍ଥୀମାନେ ସିଧାସଳଖ ଉପକୃତ ହୋଇଛନ୍ତି । ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସୂଚନା ଅନୁସାରେ, ମୋଟ ହିତାଧିକାରୀଙ୍କ ମଧ୍ୟରୁ ପ୍ରାୟ ୯୧.୫ ପ୍ରତିଶତ ଲୋକଙ୍କ ଖାତାକୁ ଏକାଥରେ ଦୁଇ ମାସର ଭତା ଜମା କରାଯାଇଛି । ବାକି ହିତାଧିକାରୀଙ୍କ କ୍ଷେତ୍ରରେ ବ୍ୟାଙ୍କିଙ୍ଗ ଓ ବୈଷୟିକ ପ୍ରକ୍ରିୟା ଶେଷ ହେବା ପରେ ଅର୍ଥରାଶି ପ୍ରଦାନ କରାଯିବ । ସେପଟେ ଜୁନ୍ ମାସର ଭତା ବଣ୍ଟନ ପ୍ରକ୍ରିୟା ମଧ୍ୟ ଜାରି ରହିଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ଖାତାରେ ଭତା ରାଶି ପହଟାଂଇବା ପାଇଁ ସରକାର ଆବଶ୍ୟକ ପଦକ୍ଷେପ ନେଉଥିବା କଥା ମନ୍ତ୍ରୀ କହିଛନ୍ତି ।

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ବାବା ସ୍ୱପ୍ନେଶ୍ୱରଙ୍କ ସହିତ ମାତା ପାର୍ବତୀଙ୍କ ବିବାହ ଉତ୍ସବ

ଭଦ୍ରକ, ୨୨/୬(ନି/ପ୍ର): ପବିତ୍ର ଶୀତଳ ଷଷ୍ଠୀ ଅବସରରେ ଭଦ୍ରକ ଜିଲ୍ଲା ତିହିଡି ଏଏସପି ଅଧୁନ ତିହିଡି ଗ୍ରାମର ବାବା ସ୍ୱପ୍ନେଶ୍ୱରଙ୍କ ସହିତ ମାତା ପାର୍ବତୀଙ୍କ ବିବାହ ଉତ୍ସବ ବଡ଼ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ରାତି ସାଢେ ୪ ଟାରେ ଦେବଦମ୍ପତିଙ୍କ ବିବାହ ଲାର୍ଯ୍ୟ ସମ୍ପନ୍ନ ହୋଇଛି । ବାବା ସ୍ୱପ୍ନେଶ୍ୱର ପିତ୍ତାଳୟକୁ ଯାଇଥିଲେ।ସେଠାରେ କାର୍ଯ୍ୟ ସମ୍ପନ୍ନ କରି ଫେରିଲା ବେଳେ ବିବାହ କାର୍ଯ୍ୟରେ ଯୋଗଦେବା ପାଇଁ ସମସ୍ତ ଦେବାଦେବୀଙ୍କୁ ଶ୍ରୀ ହନୁମାନ ନିମନ୍ତ୍ରଣ କରିଥିଲେ। ସନ୍ଧ୍ୟାରେ ବାବା ସ୍ୱପ୍ନେଶ୍ୱରଙ୍କୁ ଆଡ଼ୟର ପୂର୍ଣ୍ଣ ଶୋଭାଯାତ୍ରାରେ ତିହିଡି ବଜାର ଓ ବିଭିନ୍ନଗ୍ରାମ ପରିକ୍ରମା କରାଯାଇଥିଲା । ପରେ ଶ୍ରୀବଧୂବାମନ ଜୀଉଙ୍କ ମନ୍ଦିରରେ ପଞ୍ଚତିଥିଲେ।ରାତ୍ରି ୪ଟା ସମୟରେ ବାବା ସ୍ୱପ୍ନେଶ୍ୱର ଏବଂ ମାତା ପାର୍ବତୀଙ୍କ ପାଣିଗ୍ରହଣ କାର୍ଯ୍ୟ ସମାପ୍ତ ହୋଇଥିଲା ।ବାବା ସ୍ୱପ୍ନେଶ୍ୱରଙ୍କୁ କୃଷ୍ଣ, ନାରାୟଣୁଣୀ,ଶୃଣାର ଜମି ପ୍ରଦାନ କରାଯାଇଥିଲା ।ପତ୍ନି ଲକ୍ଷ୍ମୀଧର ଜର ଓ ନିରଞ୍ଜନ ଜର ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହି ବିବାହ ଉତ୍ସବରେ ବାସୁଦେବପୁର ବିଧାୟକ ଅଶୋକ କୁମାର ବାର୍ ବିଧାୟକଙ୍କ ପ୍ରତିନିଧି ସରୋଜ କୁମାର ବାସ, ପୂର୍ବତନ ସରପଂଚ ମୀନକେତନ ସେନାପତି ଯୋଗ ଦେଇଥିଲେ । ଗ୍ରାମର ପାର୍ଥସାରଥୀ ନାୟକ,ଶରତ ଜର, ବିଷ୍ଣୁଚରଣ ଦାଶ, ରମାକାନ୍ତ ନାଥ, ପ୍ରଭାତ ରାଉଜ, ନୀଳମାଧବ ସେନାପତି, ରବିନ୍ଦ୍ର ପାତ୍ର, ବାଇଧର ହାତୀ, ପି. କୃଷ୍ଣଚନ୍ଦ୍ର,କୈଳାସ ପାତ୍ର, ବିବେକାନନ୍ଦ ନାୟକ, ରାଜେଶ ନାୟକ,ସରୋଜ ଜର, ହରିହର ନାୟକ, ହରିହର ଜର, ବ୍ରଜକିଶୋର ଓଝା,ମାଳତୀ ନାୟକ, ଲିଜାବତୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।ବର ମାତା ରଣ୍ଡିତା ରାଉଜ, ଜନ୍ୟମାତା ରାଜଶ୍ରୀ ପାତ୍ର, ସେବତୀ ରାଉଜ,ଜୟନ୍ତ କୁମାର ରାଉତ, ବାସନ୍ତୀଜତୀ ରାଉତ, ପ୍ରଦୁମ୍ନ କୁମାର ଜେନା, ଚିନ୍ମୟୀ ଜେନା, ସୁଲୋଚନା ପ୍ରଧାନ , ସବିତା ବେହେରା, ସବିତା ରାଉତ, ସବିତା ରାଉଜ, ବିଜୟ ପାତ୍ର ପ୍ରମୁଖ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

ପିଏମ କିଷାନ ଉତ୍ସବ ଦିବସର ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ

କେନ୍ଦୁଝର,୨୨/୬(ନି/ପ୍ର): ଜୁଡ଼ିଆ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ସଭାଗୃହରେ ପିଏମ କିଷାନ ଉତ୍ସବ ଦିବସର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ଦିବସ ଉପଲକ୍ଷେ ପଶ୍ଚିମବଙ୍ଗ ରାଜ୍ୟର ଚାରକେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ଆମ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ କୃଷକ ଭାଇଭଉଣୀ ମାନଙ୍କ ବ୍ୟାଙ୍କ ଖାତାକୁ କୃଷି କାର୍ଯ୍ୟକ୍ରମ ପାଇଁ ପିଏମ କିଷାନ ଯୋଜନା ଅନ୍ତର୍ଗତ ୨୩ତମ ସହାୟତା ରାଶି ପ୍ରଦାନ କରିଥିଲେ । ମହତାବ ଭବନ, ରାଉରକେଲ୍ଲାଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ଖଣି, ଓଡିଶା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃଷକ ସମାଜକୁ ଉଦବୋଧନ ଦେବା ସଙ୍ଗେ ସଙ୍ଗେ ସରକାରୀ ଯୋଜନାର ସହାୟତା ନେବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲାର ବିଭିନ୍ନ କୁଢ଼ରୁ ଆସିଥିବା ଶତାଧିକ କୃଷକ ଭାଇଭଉଣୀ, ବିଭାଗୀୟ ଅଧିକାରୀ, କୃଷି ବୈଜ୍ଞାନିକ ମାନେ ଆଭାସୀ ମାଧ୍ୟମରେ ରାଜ୍ୟସ୍ତରୀୟ ଓ ଡାରକେଶ୍ୱରରେ ଆୟୋଜିତ ମୁଖ୍ୟ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ବିଶାଲ ସିଂ, ସିଡିଭିଓ ଦୁଃ ଚନ୍ଦ୍ରଶେଖର ରଥ, ଫିଡି ଖ୍ୱାଟରସେଡ଼ ଶ୍ରୀ ଅଶୋକ କୁମାର ସେନାପତି, ଏଡିଆର ଡ. ଜିଶୋର ଚନ୍ଦ୍ର ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ସୁକାନ୍ତ କୁମାର ସାହୁ, ଏଡିଏଚ ଶ୍ରୀ ଗୋବିନ୍ଦ ଚନ୍ଦ୍ର ମେହେର ଅତିଥି ଆସନ ଅଳଙ୍କୃତ କରିବା ସଙ୍ଗେ ସଙ୍ଗେ ଆଭାସୀ ମାଧ୍ୟମରେ ପ୍ରସାରିତ ରାଜ୍ୟ ସ୍ତରୀୟ ଓ ମୁଖ୍ୟ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ସର୍ବଶେଷରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ପ୍ରିୟୁଷ ମଣ୍ଡଳ କେନ୍ଦୁଝର ଜିଲ୍ଲାର ୧.୮୨ ଲକ୍ଷରୁଉର୍ଦ୍ଧ ଚାଷୀ ଭାଇଭଉଣୀଙ୍କ ଖାତାକୁ ପାଖାପାଖି ୩୬.୪୭ କୋଟି ଟଙ୍କା ସହାୟତା ରାଶି ହସ୍ତାନ୍ତର ହୋଇଥିବାର ସୂଚନା ଦେବା ସଙ୍ଗେ ସଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ ।

ବଜ୍ରାଘାତରେ ମହିଳାଙ୍କ ମୃତ୍ୟୁ, ୯ ଜଣ ଆହତ

ଅନୁଗୋଳ,୨୨/୬(ନି/ପ୍ର): ଭୋଜି କାର୍ଯ୍ୟକ୍ରମରୁ ଘରକୁ ଫେରୁଥିବା ବେଳେ ଘଟିଛି ଏକ ହୃଦୟବିଦାରକ ଅଘଟଣ। ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ଅନ୍ତର୍ଗତ ଜରଲଗା ପଚାଂୟତର ମନୋହରପୁର ଗ୍ରାମ ନିକଟରେ ପ୍ରବଳ ବଜ୍ରାଘାତ ଘଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ୯ ଜଣ ଆହତ ହୋଇଛନ୍ତି । ଏହି ଦୁଃଖଦ ଘଟଣା ପରେ ସମସ୍ତ ଅଚ୍ଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନା ଅନୁଯାୟୀ,ବରଖୁଲ ଗ୍ରାମର ଜିଲ୍ଲା ଲୋକ ମନୋହରପୁର ଗ୍ରାମରେ ଆୟୋଜିତ ଏକ ଭୋଜି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଭୋଜି ସରିବା ପରେ ସେମାନେ ନିଜ ଗାଁକୁ ଫେରୁଥିବା ସମୟରେ ହଠାତ୍ ପାଗ ଖରାପ ହୋଇଯାଇଥିଲା । ଆକାଶରେ ଘନ ଘନ ବିଜୁଳି ଚମକିବା ସହ ବର୍ଷା ଆରମ୍ଭ ହୋଇଥିଲା ଏବଂ ମନୋହରପୁର ଗ୍ରାମ ନିକଟରେ ପ୍ରବଳ ବଜ୍ରାଘାତ ଘଟିଥିଲା ।ଏହି ବଜ୍ରାଘାତରେ ବରଖୁଲ ଗ୍ରାମର ସାବିତ୍ରୀ ମୁଣ୍ଡା (୪୫) ଗୁରୁତର ଭାବେ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରି ବିହିଲା ପାଇଁ ପଠାଇଥିଲେ ମଧ୍ୟ ତାଙ୍କ ଜୀବନ ବଚାଇ ପାରିନଥିଲେ । ତାଙ୍କର ମୃତ୍ୟୁ ପରେ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ଗଭୀର ଶୋକର ଛାୟା ନେମି ଆସିଛି। ଘଟଣାରେ ଆହତ ହୋଇଥିବା ୯ ଜଣଙ୍କୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ୧୦୮ ଆମ୍ବୁଲାନ୍ସ ଯୋଗେ ଛେଣ୍ଡିପଡା ଡାକ୍ତରଖାନାରେ ଭର୍ତ୍ତିକରାଯାଇଥିଲା । ସେମାନଙ୍କ ମଧ୍ୟରୁ ତିନିଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ଥିବାରୁ ଉନ୍ନତ ଚିକିତ୍ସା ପାଇଁ ବରଖୁଲ ଗ୍ରାମ ନିକଟରେ ପ୍ରବଳ ବଜ୍ରାଘାତ ଘଟିଥିଲା ।ଏହି ଦୁଃଖଦ ଘଟଣାରେ ଆହତ ହୋଇଥିବା ୯ ଜଣଙ୍କୁ ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରି ଚିକିତ୍ସା ପାଇଁ ଛେଣ୍ଡିପଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେମାନଙ୍କ ମଧ୍ୟରୁ ତିନିଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ଥିବାରୁ ଉନ୍ନତ ଚିକିତ୍ସା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଘଟଣାର ଖବର ପାଇ ଖରଜପାଲିପୋଲିସ ଫାଣ୍ଡି ଅଧିକାରୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ପୋଲିସ ପକ୍ଷରୁ ଘଟଣାର ସମସ୍ତ ବିଷୟକୁ ନେଇ ତଥ୍ୟ ସଂଗ୍ରହ କରାଯାଉଛି । ଭୋଜି କାର୍ଯ୍ୟକ୍ରମରୁ ଘରକୁ ଫେରୁଥିବା ବେଳେ ଘଟିଥିବା ଏହି ଅପ୍ରତ୍ୟାଶିତ ଅଘଟଣ ଅଞ୍ଚଳବାସୀଙ୍କୁ ମର୍ମାହତ କରିଛି । ମୃତ ସାବିତ୍ରୀ ମୁଣ୍ଡାଙ୍କ ପରିବାରକୁ ସରକାରୀ ସହାୟତା ଏବଂ ଆହତମାନଙ୍କୁ ଉନ୍ନତ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

ଦିନ ଦିପହରେ ମହିଳାଙ୍କ ବେକରୁ ସୁନା ଚେନ ଲୁଟିନେଲେ ଦୁବୃର୍ତ

କେନ୍ଦୁଝର,୨୨/୬(ନି/ପ୍ର): ଜେନ୍ଦୁଝର ତାଜନ ଥାନା ଅଂଚଳରେ ଚୋରି ଘଟଣା ଥମିବାର ନାଁ ନେଉନାହିଁ। ଆଜି ବିନ ଦିପହରେ ମାଇକିଂ ଯୋଡ଼ସ୍ଥ ମହିଳାଙ୍କ ବେକରୁ ଅଜ୍ଞାତ ଉପାୟରେ ଲୁଟି ନେଲେ ଅଡ଼େଇ ଭରିର ସୁନା ଚେନ । ତୁରନ୍ତ ଜଣ ଅଜଣା ବ୍ୟକ୍ତି ଆସି ମହିଳାଙ୍କୁ ଅତକେଇବାକୁ କହି ମୁଁହରେ କିଛି ତରଳ ପଦାର୍ଥ ପକାଇଥିଲେ । ସେ ଏଥାପରେ ତାଙ୍କ ଠାରୁ ସୁନା ଚେନ ଟି ଖୋଲି ଦେବା ପାଇଁ କହିଥିଲେ। ମହିଳା ଜଣକ ମଧ୍ୟ କିଛି ନଜାଣି ପାରି ତାଙ୍କ ହାତରୁ ସୁନା ଚେନଟିକୁ ତାଙ୍କ ହାତକୁ ବଢ଼ାଇ ଦେଇଥିଲେ। ମହିଳା ଜଣକ କିଛି ଜାଣିବା ପୂର୍ବରୁ ସେ ତୁରନ୍ତ ଦୁର୍ବୁଦ୍ଧି ସେ ସ୍ଥାନ ରୁ ପଳାଇ ଯାଇଥିଲେ । ଏହି ଲୁଟ୍ ନେଇ ମହିଳା ଜଣକ ତାଙ୍କ ଘର ଲୋକ ଓ ସ୍ଥାନୀୟ ଲୋକଙ୍କୁ କହିବା ପରେ ଲୋକ ଜିଡ଼ ହୋଇଥିଲେ । ଏନେଇ ପୋଲିସ ରେ ଅଭିଯୋଗ ପରେ ପୋଲିସ ପହଂଚି ବିଭିନ୍ନ ସ୍ଥାନରେ ଲାଗିଥିବା ଶିଶି ତଡକ ପଦାର୍ଥ ପକାଇଥିଲେ । ଏହି ଘଟଣାର ଜ୍ଞାନଲିନ କରୁଛି । ଏନେଇ ସ୍ଥାନୀୟ ଲୋକେ ପୋଲିସର କାର୍ଯ୍ୟ ଦକ୍ଷତା ନେଇ ପ୍ରଶ୍ନ ବାଚୀ ସୃଷ୍ଟି କରିଛନ୍ତି।

ରିଲିଜ ହେଲା ପ୍ରବେଶ ସେବା ସଂଗଠନର ଟାଇଟେଲ ସଙ୍ଗୀତ

ଭଦ୍ରକ,୨୨/୬: ପବିତ୍ର ଶିବ ବିବାହ ଅବସରରେ ବାବା ଆଖଣ୍ଡଳମଣିଙ୍କ ପୀଠରେ ପ୍ରବେଶ ସେବା ସଂଗଠନର ଟାଇଟଲ ସଙ୍ଗୀତ “ଂଂକଳ୍ପ ଯାହାର ସେବା ମନୋଭାବ” ରିଲିଜ ହୋଇଯାଇଛି ।ଏହି କାର୍ଯ୍ୟକ୍ରମକୁ ଉପଦେଷ୍ଟା ସମାଜସେବୀ ସତ୍ୟନ୍ତନ ରାଉତ ଯୋଗଦେଇ ଉଦ୍ଘାଟନ କରିଥିଲେ । ସମାଜସେବୀ ଓ ମାନବିକତାର ବାର୍ତ୍ତାକୁ ନେଇ ପ୍ରସ୍ତୁତ ଏହି ସଙ୍ଗୀତ ବର୍ତ୍ତଳି ଓ ଶ୍ରୋତାଙ୍କ ମନକୁ ସ୍ପର୍ଶ କରିବ ବୋଲି ସଂଗଠନର ଉପଦେଷ୍ଟା ତଥା ସମାଜସେବୀ ଶ୍ରୀ ରାଉତ ଜହିକ୍ଷିତି। ଶିବ ବିବାହ ଉତ୍ସବର ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଏହି ସଙ୍ଗୀତର ଲୋକାର୍ପଣ ଉତ୍ସବକୁ ଆହୁରି ଉତ୍ସବ ଓ ସୁରଶୀୟ କରିବ ବୋଲି ଆୟୋଜକମାନେ ମତ ପ୍ରକାଶ କରିଛନ୍ତି । ସଂ. ଦୁଃଶାସନ ବାରିକ ଏହି ଟାଇଟଲ ସଙ୍ଗୀତ ରଚନା କରିଥିବା ବେଳେ ବୁଦ୍ଧାମାଧବ ବାରିକ ସଙ୍ଗୀତ ସଂଯୋଜନା କରିଛନ୍ତି ।କଣ୍ଠଶିଳ୍ପୀ ଅଶ୍ରୁନୀ କୁମାର ମହାନ୍ତି କଣ୍ଠଦାନ କରିଛନ୍ତି । ସଂଗଠନର ମୂଳମନ୍ତ୍ର ଅସହାୟର ଆଶାର ବାଡ଼ି ହୁ ଏହି ସଙ୍ଗୀତରେ ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି । ପ୍ରବେଶ ସେବା ସଂଗଠନ ବାଟବିନ ଧରି ସମାଜସେବା, ମାନବିକ ସହାୟତା ଓ ସାମାଜିକ ସଚେତନତା କ୍ଷେତ୍ରରେ କାର୍ଯ୍ୟ କରିଆସୁଛି । ବେହେରା, ଧାରେନ୍ଦ୍ର ବାରିକ ଓ ମାନସ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ବିପର୍ଯ୍ୟୟ ପ୍ରଶମନ ଦିଗରେ ପ୍ରଶାସନିକ ପଦକ୍ଷେପ

କେନ୍ଦୁଝର,୨୨/୬(ନି/ପ୍ର): ହାତଡ଼ିହି ବ୍ଲକର ଜରଗୋଳା, ରଡକଣା ଓ ହାତେକେଶ୍ୱର ଏବଂ ଘଷିପୁରା ବ୍ଲକର ଅଚା ବନ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍ରଡ଼ିଲ୍ ମାଧ୍ୟମରେ ସ୍ଥାନୀୟ ବାସିନ୍ଦାଙ୍କୁ ସଚେତେନ କରାଯାଇଛି । ଉକ୍ତ ବନ୍ୟା ଆଶ୍ରୟସ୍ଥଳୀମାନଙ୍କରେ ଏକ ମକ୍ରଡ଼ିଲ୍ ସହିତ ଜିପରି ଏଜାକୁ ଲାର୍ଯ୍ୟରେ ଅସଯୋଗ କରାଯିବ, ତାହା ରେସ୍ପ୍ୟୁ ଅପରେସନ୍ ଟିମ୍ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା । ବିପର୍ଯ୍ୟୟ ପୂର୍ବରୁ ସ୍ଥାନୀୟ ଲୋକଙ୍କୁ ସଚେତନ କରିବା ସହ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ ବୁଝାଯାଇଥିଲା । ବିଶେଷକରି ଶିଶୁ, ବୃଦ୍ଧ, ଅସହାୟ ମହିଳା, ଜିନ୍ସକ୍ଷମ ଓ ଗର୍ଭବତୀ ମହିଳାଙ୍କୁ ଗୁରୁତର ଭାବେ ସୁରକ୍ଷିତ ରଖିବା ସହ ସେମାନଙ୍କ ପାଇଁ ଖାଦ୍ୟ ଓ ପାନୀୟ ଜଳ ମହଜୁଦ ରଖିବା ପାଇଁ ପରାମର୍ଶ ଦିଆଯାଇଥିଲା । ସେହିପରି ବିପର୍ଯ୍ୟୟ ପରେ ଜିପରି ସ୍ଥଳତା ଅବଲମ୍ବନ କରାଯିବ ଓ ଏହି ଅସହାୟ ଲୋକଙ୍କୁ ପ୍ରାଥମିକତା ଦିଆଯିବ, ସେ ସମ୍ପର୍କରେ ଉପସ୍ଥିତ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, ଅଗ୍ନିଶମ ବିଭାଗ କର୍ମଚାରୀ, ସ୍ୱେଚ୍ଛାସେବୀ ବାହିନୀର ସଦସ୍ୟ, ସ୍ଥାନୀୟ ଜନପ୍ରତିନିଧି, ମହିଳା ଗୋଷ୍ଠୀର ସଦସ୍ୟ ଓ ଯୁବ ଗୋଷ୍ଠୀ ସାମିଲ ହୋଇଥିଲେ ।

ଡ଼କାୟତି ମାମଲାରେ ୧ ଗିରଫ

ଜୟପୁର,୨୨/୬(ନି/ପ୍ର): ୨ ଜାନୁଆରି ମାଲିକଙ୍କୁ ମାଡ଼ମିରା ଲୁଟ ମାମଲା ଅନ୍ୟ ଏକ ଅଭିଯୁକ୍ତ ଗିରଫ ଲୁଟ ମାମଲାରେ ଅନ୍ୟ ଏକ ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ସବର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଡ଼ଙ୍ଗରା ଗ୍ରାମର ବାବୁଲୁ ଏଲିୟସ ଗିରିଧାର ନାୟକ ଖ ଏହି ମାମଲା ରେ ଗତ ୪ ତାରିଖରେ ୫ ଅଭିଯୁକ୍ତ କୁ ଗିରଫ କରିଥିବା ବେଳେ ଆଜି ଅନ୍ୟ ଏକ ଅଭିଯୁକ୍ତ କୁ ଗିରଫ କରିଛି । ୫ ଅଭିଯୁକ୍ତ ଗିରଫ କରିଛି ଜୟପୁର ସବର ପୋଲିସ ଲ ଗିରଫ ଅଭିଯୋଗ ଫୁଟୁଗାଁ ଗ୍ରାମର ରମେଶ ଆଣ୍ଡିଏସ ଆଲୋକ ହରିଜନ(୨୨), ସନ କେବିଡି ଗ୍ରାମର ବୁଢ଼ୁନା ହରିଜନ (୧୯), ଡ଼ଙ୍ଗରା ଗ୍ରାମର ବିଡୋରା ହରିଜନ (୨୨), ବଣ୍ଡସେନାଗୁଡା ଗ୍ରାମର ବସୁକୁଧର ମାଝୀ (୩୦) ଓ ଡ଼ଙ୍ଗରା ଗ୍ରାମର ଫୁଟୁକ ନାୟକ (୨୨) । ଜୋରାପୁଟ ଜିଲ୍ଲା ଜୟପୁର ବ୍ଲକର କେବଡି ଗ୍ରାମପଂଚାୟତରେ ରହିଥିବା ଜଗତନନୀ ବାବୁ, ମିଲର ଦୁଇ ମାଲିକ ଗତକାଲି ରାତି ୮ ସମୟରେ ବାବୁ ମିଲକୁ ଦଉ କରିବା ପରେ ବାଇକ ଯୋଗେ ଜୟପୁର ଘରକୁ ଫେରୁଥିବା ବେଳେ କେବିଡି ଗ୍ରାମ ଏବଂ ବିଜେ-୨ ଗ୍ରାମ ରାସ୍ତାର ବଣ୍ଡସେନା ଗୁଡା ଗ୍ରାମ ନିକଟରେ ରାସ୍ତା ଉପରେ ପ୍ରାୟ ୫ଜଣ ମୁଖାଧାରୀ ବୁର୍ଦ୍ଧଂ ମାନେ ସେମାନଙ୍କୁ ଅଟକାଇ ମାଡ ମାରିବା ସହିତ ସୁନାଚେନ, ମୁଦି ଏବଂ ୪ ହଜାର ଟଙ୍କା ଲୁଟି ନେଇଥିବା ନେଇ ଥାନାରେ ଗତ ୩ତ ତାରିଖ ରେ ଅଭିଯୋଗ ହୋଇଥିଲା । ଅଭିଯୋଗ କୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତୁରନ୍ତ ବାବୁ ମାଲିକ ଜୟପୁର ସହରର ବାଶଗା ସାହିର କେ. ଅମରନାଥ ଲିଖିତ ଅଭିଯୋଗ କରିଛନ୍ତି ଯେ, ସେ ଏବଂ ତାଙ୍କ ବ୍ୟବସାୟୀ ସହଯୋଗୀ ଜୟପୁର ସହର ଭ୍ରମଣ ସାରି ନିଜ ନିଜ ବାଇକରେ ମିଶି ଘରକୁ ରାତିରେ ଫେରୁଥିବା ବେଳେ ରାସ୍ତାରେ ୫ଜଣ ମୁଖାଧାରୀ ସେମାନଙ୍କୁ ଅଟକାଇ ମାଡ ମାରିଥିଲେ ଏହିପରି ଅମରାନାଥ ପିଛି ବେକର ସୁନା ଚେନ, ସୁନାମୁଦି ଏବଂ ୨ ହଜାର ଟଙ୍କା ଲୁଟି ନେଇଥିଲେ ଏବଂ ତାଙ୍କ ସହଯୋଗୀଙ୍କ ଠାରୁ ମଧ୍ୟ ୨ ହଜାର ଟଙ୍କା ଲୁଟି ନେଇଥିଲେ । ଏହିପରି ଅଭିଯୁକ୍ତ ମାନେ ସେଠାରୁ ଚମ୍ପଟ ମାରିଥିଲେ । ତୁରନ୍ତ ବାବୁ ବ୍ୟବସାୟୀ ସେଠାରୁ ଫେରି ସବର ଥାନାରେ ଅଭିଯୋଗ କରିଥିଲେ । ଏହି ମାମଲା ରେ ମୋଟ ୬ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଥାନା ଅଧିକାରୀ ସବିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

କାନ୍ଥୁ ଜଙ୍ଗଲରୁ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର



ବାଙ୍କୀ,୨୨/୬(ନି/ପ୍ର): ଆଜି ନିଜତରେ ଥିବା କାନ୍ଥୁ ଜଙ୍ଗଲରୁ ସକାଳୁ ଜଟକଳିଲ୍ଲା ବେଟେଶ୍ୱର ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି । ମୃତ ଯୁବକ ଜଣଙ୍କ ଗଳିତ ଥାନା ଅନ୍ତର୍ଗତ ରଜିବ ଗ୍ରାମ ଗାଁର ଶରତ ପାଇକରାୟ ବୋଲି ପରିଚୟ ମିଳିଛି। ସେ ୩ ଦିନ ତରୁ ନିଖୋଜ ଥିଲେ । ଆଜି ସକାଳୁ ଗାଁର ସନ୍ଧିତ ତଦନ୍ତ ଆରମ୍ଭ କରିଛି ।

ବିଛି ବ୍ୟକ୍ତି ଗାଈ ଚରାଇବାକୁ ଜାନୁ ଜଙ୍ଗଲକୁ ଯାଇଥିବା ବେଳେ ନିଖୋଜ ଯୁବକଙ୍କ ମୃତଦେହକୁ ଦେଖି ଚିତ୍କାର କରିଥିଲେ । ମୃତ ଯୁବକ ଜଣଙ୍କ ଗୋଟିଏ ଗଛ ତଳେ ପଡ଼ିଥିବା ବେଳେ ଗଛ ଡାଳରେ ତାଙ୍କର ଗାମୁଛା ବନ୍ଧାଯାଇଥିବା ଦେଖିବାକୁ ମିଳିଛି ।ବର୍ତ୍ତମାନ ପର୍ଯ୍ୟନ୍ତ ମୃତ୍ୟୁର କାରଣ ଅଜ୍ଞାତ ରହିଥିବା ବେଳେ ଯୁବକ ଜଣଙ୍କ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ସେପଟେ ବେଟେଶ୍ୱର ପୁଲିସ ଘଟଣା ସ୍ଥଳରେ ପହଁଚି ଶବକୁ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି ।

ରଣପୁର ହତ୍ୟାକାଣ୍ଡ: ପୁତ୍ରହନ୍ତା ବାପା ଗିରଫ, ଅଭିଯୁକ୍ତ ବଡ଼ଭାଇ ଫେରାର

ରଣପୁର,୨୨/୬(ନି/ପ୍ର): ନୟାଗଡ଼ ଜିଲ୍ଲା ରଣପୁର ଥାନା ରାଜପୁନାଖଳା ପାଣ୍ଡି ଗଡ଼ବାଣୀଳିଲ ଗାଁରେ ଏକ ଜଘନ୍ୟ ହତ୍ୟାକାଣ୍ଡ ହୋଇଥିଲା । ଏହି ହତ୍ୟାକାଣ୍ଡର ୨୪ ଘଟା ନପୁରୁଣୁ ପୁଲିସ ମାମଲାର ଅଦ୍ଭୁତା ଗତ୍ତୀ ଫିଟାଇବାରେ ସକ୍ଷମ ହୋଇଛି । ମୃତକଙ୍କ ବାପା ଓ ବଡ଼ଭାଇ ହିଁ ହତ୍ୟାକାଣ୍ଡର ପ୍ରମୁଖ ଅଭିଯୁକ୍ତ ବୋଲି ଜଣାପଡ଼ିଛି । ଗତକାଲି (୧୭ ଜୁନ୍) ଅପରାହ୍ନ ୪ଟାରେ ବିଜୟ ମାର୍ଥି (୪୧)କୁ ହତ୍ୟା ହୋଇଥିଲା । ରାତି ୧୦ଟାରେ ବିଜୟଙ୍କ ପତ୍ନୀ ମଞ୍ଜୁଲତା ଏନେଇ ଥାନାରେ ଲିଖିତ ଅଭିଯ

ବିବିଧା

ଆଜିର ରାଶିଫଳ

ମେଷ: ନୂଆ କାମ ଆରମ୍ଭ କରିବା ପାଇଁ ଭଲ ସମୟ। ଧାର କରଜରୁ ଦୂରେଇ ରହିବେ। ବ୍ୟବସାୟରେ କ୍ଷତି ହେବ। ପ୍ରିୟଜନଙ୍କୁ ନିଜ ମନକଥା କହିବେ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

ବୃଷ: ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ କରିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ।

ମିଥୁନ: ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟୀ ନୂଆ ବ୍ୟବସାୟର ଯୋଜନା କରିବେ। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ।

କର୍କଟ: ପଡ଼ୋଶୀଙ୍କ ସାହାଯ୍ୟ ମିଳିବ। କ୍ରୀଡ଼ାବିତ୍‌ଙ୍କୁ ଶୁଭ ଖବର ମିଳିବ। ଜମି କାରବାରରେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଅଯଥା କାମରେ ସମୟ ନଷ୍ଟ ହେବ।

ସିଂହ: ମନପସନ୍ଦ କାମରୁ ସଫଳତା ମିଳିବ। ଆର୍ଥିକ ସମସ୍ୟା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

କନ୍ୟା: ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନାଚ, ଗୀତ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହେବେ। ଚାକିରିରେ ବଦଳି ସମ୍ଭାବନା ଅଛି।

ତୁଳା: ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

ବିଛା: ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବନ୍ଧୁଙ୍କ କଥା ଖରାପ ଲାଗିବ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। ଆୟ ସହ ଖର୍ଚ୍ଚ ବଢ଼ିବ।

ଧନୁ: ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାନୁରୂପ ଲାଭ ମିଳିବ ନାହିଁ।

ମକର: ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ପର୍କ ମଜଭୁତ ହେବ। ଚାକିରିର ଶିକାର ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। କଳାକାର, ଡାକ୍ତରଙ୍କୁ ଶୁଭ ଖବର ମିଳିବ।

କୁମ୍ଭ: ଚରିବଦିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

ମୀନ: ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ବିବାହକୁ ନେଇ ଚିନ୍ତାରେ ରହିବେ। ନୂଆ ନିଯୁକ୍ତି ଅବସର ମିଳିବ। ନିଜ ପାଇଁ ସମୟ ବାହାର କରିବେ। ଅର୍ଥ ସଞ୍ଚୟ ଯୋଜନା କରିବେ।

ଆଜିର ଇତିହାସ

- ୧୯୦୬- ସ୍ୱିଡେନ୍ ରାଷ୍ଟ୍ରୀୟ ଧ୍ୱଜାକୁ ଆପଣାଇଲା।
- ୧୯୧୧- କିଙ୍ଗ୍ ଜର୍ଜ ପଞ୍ଚମ ଇଂଲଣ୍ଡର ରାଜା ହେଲେ।
- ୧୯୩୯- ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଫରୱାର୍ଡ ବ୍ଲକ୍‌ର ସ୍ଥାପନା କଲେ।
- ୧୯୪୧- ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜର୍ମାନୀ ସୋଭିଏତ୍ ୟୁନିଅନ ଉପରେ ଆକ୍ରମଣ କଲା।
- ୨୦୦୨: ଇରାନରେ ଉଠିଥିବା ଭୂମିକମ୍ପରେ ୫୦୦ ଜଣଙ୍କ ମୃତ୍ୟୁ।

କାଳ ହେଲା ଆଖି ସର୍ଜରୀ

ଅନେକ ଯୁବକ, ଯୁବତୀ ସୁନ୍ଦର ଦିଶିବା ପାଇଁ ବିଭିନ୍ନ ପ୍ରକାରର କସ୍ମେଟିକ୍ ସର୍ଜରୀର ସାହାରା ନେଉଛନ୍ତି। ତେବେ ଏହା କେତେ ଭୟଙ୍କର ହୋଇପାରେ, ତାହା ଚୀନ୍‌ର ଏକ ଘଟଣା ପ୍ରମାଣିତ କରିଛି। ସୁଜୋଉ ସହରରେ ରହୁଥିବା ସାଙ୍ଗ ନାମ୍ନୀ ମହିଳା ହରିଣ ଭଳି ସୁନ୍ଦର ଓ ଆକର୍ଷଣୀୟ ଆଖି ଚାହୁଁଥିଲେ। ଏ ଲାଗି ସେ ୨୦୨୦ ମସିହା ଜୁନ୍ ମାସରେ ମାଙ୍ଗି କସମେଟିକ୍ ସର୍ଜରୀ କ୍ଲିନିକ୍‌ରେ ଡବଲ ଆଇଲିଡ୍ ସର୍ଜରୀ କରାଇଥିଲେ। ଏପରିକି ସାଙ୍ଗ ସର୍ଜରୀ ପାଇଁ ଦୁଇ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ତେବେ ଏହି ସର୍ଜରୀ ହିଁ ଥିଲା ତାଙ୍କ ଜୀବନର ସବୁଠୁ ଭୁଲ୍ ନିଷ୍ପତ୍ତି। ସର୍ଜରୀ ଯେଉଁ ଦିନ ହିଁ ତାଙ୍କର ଅସହ୍ୟ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ତାଙ୍କ ଆଖି ପତା ଭିତରକୁ ପଶିଗଲା ଏବଂ ତରଳ ପଦାର୍ଥ ଆଖିରେ ଭର୍ତ୍ତି ହେଲା। ଅବସ୍ଥା ବିଗିଡ଼ିବାରୁ ତାଙ୍କୁ ବଡ଼ ହସ୍‌ପିଟାଲ ଯିବାକୁ ପଡ଼ିଲା। ତାଙ୍କର ଲାକ୍ରିମାଲ ଗ୍ରନ୍ଥି (ଲୁହ ସୃଷ୍ଟିକାରୀ ଗ୍ରନ୍ଥି) କ୍ଷତିଗ୍ରସ୍ତ ହେବା ସହ ଆଖି ପତା ଅସ୍ତ୍ରୋପଚାର ମଧ୍ୟ ଭୁଲଭାବେ କରାଯାଇଥିବା ଡାକ୍ତର କହିଲେ। ତେବେ କିଛି ଦିନରେ ଏହା ଠିକ୍ ହୋଇଯିବ ବୋଲି ସର୍ଜରୀ କରାଇଥିବା କ୍ଲିନିକ୍ ପକ୍ଷରୁ ତାଙ୍କୁ ଆଶ୍ୱାସନା ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ସେହି କ୍ଲିନିକ୍ ତାଙ୍କ ଫୋନ୍ ଆଉ ଉଠାଉ ନ ଥିଲେ। ଅନ୍ୟପଟେ ଭୁଲ୍ ଉପାୟରେ ସର୍ଜରୀ କରାଯାଇଥିବାରୁ ପୁଣି ଥରେ ସର୍ଜରୀ କରିବା ଲାଗି ଡାକ୍ତର ତାଙ୍କୁ ପରାମର୍ଶ ଦେଲେ। ସେହିପରି ଦ୍ୱିତୀୟଥର ସର୍ଜରୀ କରିବା ପରେ ତାହା ପୁରାପୁରି ଠିକ୍ ହେଲା ନାହିଁ। ଏବେ ଛଅ ବର୍ଷ ପରେ ବି ସେ ଆଖି ସମ୍ପୂର୍ଣ୍ଣ ବନ୍ଦ କରିପାରୁ ନାହାନ୍ତି। ଶୋଇବା ବେଳେ ତାଙ୍କ ଆଖି ଖୋଲା ରହୁଛି ଏବଂ ଲଗାତାର ଆଖିରୁ ଲୁହ ବହୁଛି। ଏହା ଯୋଗୁଁ ଆଖିରେ ଯୋଡ଼ାଇଲା। ଏବଂ ସଂକ୍ରମଣ ଲାଗି ରହୁଛି। ସେହିପରି ତାଙ୍କ ଏବେ କ୍ଲିନିକ୍ ବିରୋଧରେ କୋର୍ଟରେ ମାମଲା ଲଢ଼ୁଛନ୍ତି। ଏହାବାଦ୍ ସାମାଜିକ ଗଣମାଧ୍ୟମରେ ସେ ନିଜର ପୂରା କାହାଣୀ ସେୟାର୍ କରି ଲୋକଙ୍କୁ ସଚେତନ କରାଉଛନ୍ତି। ତାଙ୍କ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି ଯେ, ସେ କେବଳ ସୁନ୍ଦର ଆଖି ଚାହୁଁଥିଲେ। ଏବେ ନିଜ୍ଞ ରାତିରେ ବି ତାଙ୍କୁ ନିଦ ଲାଗୁ ନାହିଁ। ଆଖି ଖୋଲା ରହିବା ସହ ପ୍ରତି ସମୟରେ କଷ୍ଟ ଏବଂ ଯନ୍ତ୍ରଣା ସହିବାକୁ ପଡ଼ୁଛି। ତାଙ୍କର ଏହି ସ୍ଥିତିକୁ ଦେଖି କସମେଟିକ୍ ସର୍ଜରୀ ପ୍ରତି ସଚେତନ ରହିବା ପାଇଁ ଲୋକେ କହିଛନ୍ତି।

ଆଜି ବାହୁଡ଼ିଥିଲେ

ଜ୍ଞାନମଣ୍ଡଳର ପ୍ରଣେତା



ପଦ୍ମଶ୍ରୀ ବିନୋଦ କାନୁନଗୋ ଏକାଧାରରେ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଭାଷା ଓ ସାହିତ୍ୟର ଖ୍ୟାତନାମା ଗବେଷକ, ଶିଶୁ ସାହିତ୍ୟିକ, ସାମ୍ବାଦିକ, ଜନପ୍ରିୟ ବିଜ୍ଞାନ ଲେଖକ ତଥା ଓଡ଼ିଆ ଜ୍ଞାନକୋଷ 'ଜ୍ଞାନମଣ୍ଡଳ'ର ଅନନ୍ୟ ସ୍ରଷ୍ଟା। ଓଡ଼ିଆ ଭାଷାରେ ଅଦ୍ୟାବଧି ଏହା ସବୁଠାରୁ ଉନ୍ନତ ଜ୍ଞାନକୋଷ। ସେ ବିଧିବଦ୍ଧ ଭାବେ କୌଣସି ପ୍ରକାରର ଉଚ୍ଚ ଶିକ୍ଷା ପାଇ ନ ଥିଲେ ସୁଦ୍ଧା ନିଜର ଅସାମ ଜ୍ଞାନ, ପ୍ରଗାଢ଼ ନିଷ୍ଠା ବଳରେ ସୃଷ୍ଟି କରିପାରିଥିଲେ ଜ୍ଞାନକୋଷ। ଜଟିଳ ବୈଜ୍ଞାନିକ ତଥ୍ୟ ଓ ଆନ୍ତର୍ଜାତୀୟ ବିଷୟଗୁଡ଼ିକୁ ସେ ଅତି ସରଳ ଓ ପ୍ରାଞ୍ଜଳ ଓଡ଼ିଆ ଭାଷାରେ ଲେଖିଥିଲେ, ଯାହାଫଳରେ ଜଣେ ସାଧାରଣ ପାଠକ ମଧ୍ୟ ଏହାକୁ ସହଜରେ ବୁଝିପାରୁଥିଲା। ସେ ଜ୍ଞାନମଣ୍ଡଳ ବ୍ୟତୀତ ବିଜ୍ଞାନ, ଇତିହାସ, ଭୂଗୋଳ ଓ ଚିକିତ୍ସା ବିଜ୍ଞାନ ଉପରେ ୧୦୦ରୁ ଅଧିକ ଜ୍ଞାନବର୍ଦ୍ଧକ ବହି ଲେଖିଛନ୍ତି। ସେ ଥିଲେ ପରମ ଗାନ୍ଧୀବାଦୀ। ଗାନ୍ଧିଜୀଙ୍କ ଆଦର୍ଶକୁ ଗ୍ରହଣ କରି ଜ୍ଞାନର ପ୍ରସାର ପାଇଁ ଆଜୀବନ ଉଦ୍ୟମ କରିଥିଲେ। ବିନୋଦ କାନୁନଗୋ ୧୯୧୨ ମସିହା ଜୁନ୍ ୬ ତାରିଖରେ କଟକ ଜିଲ୍ଲାର କିଶନ ନଗର ଥାନାର ମଣ୍ଡିପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା କେଶବଚନ୍ଦ୍ର କାନୁନ୍‌ଗୋ ଓ ମାତା ପାରଦେବୀ। ବିନୋଦ ପ୍ରଥମେ ଗାଁ ଅବଧାନଙ୍କ ନିକଟରେ ପାଠ ପଢ଼ିବା ପରେ ମାମୁଘର ପାଟକୁରା (କେନ୍ଦ୍ରାପଡ଼ା)କୁ ଚାଲିଯାଇଥିଲେ। ୧୯୨୬ରେ ସେ ରାଣୀହାଟ ମାଇନର ସ୍କୁଲରୁ ବୃତ୍ତି ପାଇ ପ୍ରସିଦ୍ଧ ରେଭେନ୍ସା କଲିଜିଏଟ୍ ସ୍କୁଲରେ ପାଠପଢ଼ା ଆରମ୍ଭ କଲେ। ୧୯୩୦ ଏପ୍ରିଲ ୨୦ ତାରିଖରେ ଗାନ୍ଧିଜୀଙ୍କ ଡାକରାରେ ନବମରୁ ଦଶମ ଶ୍ରେଣୀକୁ ଯିବା ଆଗରୁ ପାଠ ଛାଡ଼ିଦେଇ ସେ ଲବଣ ସତ୍ୟାଗ୍ରହରେ ଯୋଗଦେଲେ ଓ ଜେଲବରଣ କରିଥିଲେ। ୧୯୩୧ରେ ପାଟନା କ୍ୟାମ୍ପ ଜେଲରୁ ଖଲାସ ହେବା ପରେ ପୁଣି ୧୯୩୨ରେ କାରାରୁଦ୍ଧ ହେଲେ। ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ସେ କିଛି କାଳ କଟକ ଓ ବ୍ରହ୍ମପୁର ଜେଲ୍‌ରେ ବନ୍ଦୀ ଥିଲେ। ୧୯୫୨ ସାଧାରଣ ନିର୍ବାଚନରେ ପରାଜିତ ହେବା ସହ ସବୁ ଦିନ ପାଇଁ ସେ ରାଜନୀତିରୁ ସନ୍ନ୍ୟାସ ନେଇଥିଲେ। ତାଙ୍କର ପରବର୍ତ୍ତୀ ଜୀବନ ଥିଲା ବେଶ୍ ସଂଘର୍ଷମୟ। ୧୯୬୦ ଡିସେମ୍ବର ୨ ତାରିଖରେ 'ଜ୍ଞାନମଣ୍ଡଳ'ର ପ୍ରଥମ ଭାଗ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ୧୯୬୧-୮୮ ମଧ୍ୟରେ ଏହାର ଚାଳିଶ ଖଣ୍ଡ ପ୍ରକାଶ ପାଇଥିଲା। କେବଳ ବିଶ୍ୱକୋଷ ନୁହେଁ, 'ପିଲାଙ୍କ ବିଶ୍ୱକୋଷ', 'ଶିଶୁ ଜ୍ଞାନମଣ୍ଡଳ' ଆଦି ସମ୍ପାଦନା କରି ସେ ଓଡ଼ିଆ ଜ୍ଞାନଭଣ୍ଡାରକୁ ସମୃଦ୍ଧ କରିଛନ୍ତି। ବିନୋଦ କାନୁନ୍‌ଗୋ ଶିଶୁ ଓ ନବସାକ୍ଷରମାନଙ୍କ ପାଇଁ ବିଜ୍ଞାନର ବିଭିନ୍ନ ପ୍ରସଙ୍ଗରେ ୭୦ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିଛନ୍ତି। ଶରୀର ତତ୍ତ୍ୱ ଆଣବିକ ବିଜ୍ଞାନ, ମହାକାଶ ବିଜ୍ଞାନ, ଭେଷଜ ବିଜ୍ଞାନ, ରସାୟନ ବିଜ୍ଞାନ ପରି ବିଜ୍ଞାନର ବିଭିନ୍ନ ବିଭାଗରେ ସେ ଜନପ୍ରିୟ ପୁସ୍ତକମାନ ରଚନା କରିଛନ୍ତି। ଏତଦ୍ ବ୍ୟତୀତ 'ଉତ୍କଳ ଦର୍ପଣ', 'ଟଙ୍କୀ ରାଉତର ଅମୁହାଁ ନଣ୍ଡ' ପରି ଅନେକ ପୁସ୍ତକର ମଧ୍ୟ ସେ ସାର୍ଥକ ସ୍ରଷ୍ଟା। ୧୯୮୪ରେ ଆତ୍ମଚରିତ 'ଋଣ ପରିଶୋଧ' ପାଇଁ ବିନୋଦ ପାଇଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର। ୧୯୮୬ରେ 'ପଦ୍ମଶ୍ରୀ'ରେ ମଧ୍ୟ ସେ ସମ୍ମାନିତ ହୋଇଥିଲେ। ୧୯୯୦ ମସିହା ଆଜିର ଦିନରେ ଏହି ମହାନ୍ ଲେଖକଙ୍କର ମହାପ୍ରୟାଣ ଘଟିଥିଲା।

'କଲ୍‌କୀ ୨' ଦୀପିକାଙ୍କ ସ୍ଥାନ ନେବେ ଆଲିଆ

ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କ ଆଗାମୀ ଚଳଚ୍ଚିତ୍ର 'କଲ୍‌କୀ ୨'କୁ ପ୍ରଶଂସକମାନେ ଖୁବ୍ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ୨୦୨୪ରେ ଆସିଥିବା ଏହାର ପ୍ରଥମ ଭାଗ 'କଲ୍‌କୀ ୨୮୯୮ ଏଡି' ଫିଲ୍ମଟି ନିଜର ଚମତ୍କାର କାହାଣୀ ଦ୍ୱାରା ସମସ୍ତଙ୍କୁ ପ୍ରଭାବିତ କରିଥିଲା ଏବଂ ଏହା ବକ୍ସ ଅଫିସ୍‌ରେ ବ୍ଲକବଷ୍ଟର୍ ସାବ୍ୟସ୍ତ ହୋଇଥିଲା। ଦୀପିକା ପାଦୁକୋନ୍ ଏହି ଚଳଚ୍ଚିତ୍ରରେ ପ୍ରଭାସଙ୍କ ବିପକ୍ଷରେ ନଜର ଆସିଥିଲେ। ହେଲେ 'କଲ୍‌କୀ'ର ସିକ୍ୱେଲରୁ ଦୀପିକା ଓହରିଯିବା ପରେ ନିର୍ମାତାମାନଙ୍କ ପାଇଁ ମୁଖ୍ୟ ଅଭିନେତ୍ରୀଙ୍କୁ ନେଇ ସମସ୍ୟା ସୃଷ୍ଟି ହୋଇଛି। ବର୍ଷେ ପରେ ବି ନିର୍ମାତାଙ୍କୁ ଫିଲ୍ମ ପାଇଁ ଲିଡ୍ ଅଭିନେତ୍ରୀ ମିଳିପାରି ନାହିଁ। ଅପରପକ୍ଷରେ ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁସାରେ, 'କଲ୍‌କୀ ୨'ରେ ଏବେ ଦୀପିକାଙ୍କ ବଦଳରେ ଆଲିଆ ଭଟ୍ଟ ନଜର ଆସିବେ ବୋଲି ଜଣାପଡ଼ିଛି। 'କଲ୍‌କୀ'ର ନିର୍ମାତାମାନେ ଏହି ବିଷୟକୁ ନେଇ ଆଲିଆଙ୍କ ସହ ଆଲୋଚନା କରିଥିବା ମଧ୍ୟ କୁହାଯାଉଛି। ବର୍ତ୍ତମାନ ସୁଦ୍ଧା 'କଲ୍‌କୀ ୨'ରେ ଆଲିଆଙ୍କ ଏଣ୍ଟ୍ରିକୁ ନେଇ ବିଧିବଦ୍ଧ ଭାବେ କୌଣସି ସୂଚନା ଆସିନାହିଁ। ଏହାପୂର୍ବରୁ ଏହି ଫିଲ୍ମରେ ସାଇପଲ୍ଲବୀ ନଜର ଆସିବେ ବୋଲି କୁହାଯାଉଥିଲା। ଏଥିରେ ପ୍ରଭାସଙ୍କ ବ୍ୟତୀତ ଅମିତାଭ ବଚ୍ଚନ ଏବଂ କମଲ ହାସନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ।

ସ୍ୱସ୍ତି

ହସ୍ତ ଦର୍ଶନ ପରମ୍ପରା

ସକାଳୁ ଉଠି ହସ୍ତ ଦର୍ଶନ କରିବାର ପରମ୍ପରା ଧାର୍ମିକ ଆସ୍ଥା, ଆଧ୍ୟାତ୍ମିକ ଚିନ୍ତନ ଏବଂ ସକାରାତ୍ମକ ଜୀବନକୁ ପ୍ରତିଫଳିତ କରେ। ଏହି ଅଭ୍ୟାସ ଜଣକୁ ଧନ, ଜ୍ଞାନ ଏବଂ କର୍ମର ମହତ୍ତ୍ୱକୁ ମନେ ପକାଇ ଦିନର ଆରମ୍ଭ ଆତ୍ମବିଶ୍ୱାସ ଏବଂ ଶୁଭ ସଂକଳ୍ପ ସହିତ କରିବାକୁ ପ୍ରେରଣା ଦିଏ।

ହିନ୍ଦୁ ଧର୍ମ ଗ୍ରନ୍ଥରେ ସକାଳୁ ଉଠି ହାତ ଦେଖିବାକୁ 'କର ଦର୍ଶନ' ବୋଲି କୁହାଯାଏ। ଏହା ସହିତ ଏକ ଶ୍ଳୋକ ପାଠ କରାଯାଏ।

"କରାଗ୍ରେ ବସତେ ଲକ୍ଷ୍ମୀଃ, କରମଧ୍ୟେ ସରସ୍ୱତୀ।
କରମୂଳେ ତୁ ଗୋବିନ୍ଦଃ, ପ୍ରଭାତେ କର ଦର୍ଶନମ୍।।"

ଏହି ଶ୍ଳୋକର ଅର୍ଥ ହେଉଛି ହସ୍ତର ଅଗ୍ରଭାଗରେ ମାତା ଲକ୍ଷ୍ମୀ, ମଧ୍ୟ ଭାଗରେ ମାତା ସରସ୍ୱତୀ, ମୂଳ ଭାଗରେ ଭଗବାନ ଗୋବିନ୍ଦଙ୍କ ନିବାସ ବୋଲି କୁହାଯାଏ। ତେଣୁ ସକାଳୁ ସର୍ବପ୍ରଥମେ ନିଜ ହାତକୁ ଦେଖି ଧନ, ଜ୍ଞାନ ଏବଂ ଈଶ୍ୱରଙ୍କ କୃପା ସ୍ମରଣ କରିବା ଦରକାର। ଧାର୍ମିକ ମାନ୍ୟତାନୁସାରେ ଏହି ପରମ୍ପରା ମଣିଷକୁ ମନେ ପକାଇ ଦିଏ ଯେ, ଜୀବନରେ କେବଳ ଧନ ପର୍ଯ୍ୟାପ୍ତ ନୁହେଁ, ଜ୍ଞାନ, ବିବେକ ଏବଂ ଆଧ୍ୟାତ୍ମିକ ସନ୍ତୁଳନ ମଧ୍ୟ ସେତିକି ମହତ୍ତ୍ୱପୂର୍ଣ୍ଣ। ଏହି କାରଣ ହେଉଛି କର ଦର୍ଶନକୁ ଶୁଭ ଓ ମଙ୍ଗଳକାରୀ ବୋଲି କୁହାଯାଉଛି।

ଆଧ୍ୟାତ୍ମିକ ଦୃଷ୍ଟିରୁ ସକାଳ ସମୟ ମନ ଓ ଚେତନା ଲାଗି ଅତ୍ୟନ୍ତ ସମ୍ବେଦନଶୀଳ। ଏଭଳି ସମୟରେ ସକାରାତ୍ମକ ବିଚାରକୁ ସ୍ମରଣ କରିବା ଦ୍ୱାରା ନିଜ ଭିତରେ ଆତ୍ମବିଶ୍ୱାସ ଓ କୃତଜ୍ଞତାର ଭାବନା ସୃଷ୍ଟି ହୁଏ। ହାତକୁ କର୍ମର ପ୍ରତୀକ ବୋଲି କୁହାଯାଉଛି। ଏହି ବାର୍ତ୍ତା ଦିଏ ଯେ, ଭାଗ୍ୟ ସହିତ କର୍ମ ମଧ୍ୟ ସେତିକି ମହତ୍ତ୍ୱପୂର୍ଣ୍ଣ। ଯେତେବେଳେ ବ୍ୟକ୍ତି ନିଜ ହାତକୁ ଦେଖେ, ସେ ଅନୁଭବ କରେ ତା'ର ପ୍ରୟାସ ଓ କଷ୍ଟ ହିଁ ଭବିଷ୍ୟତକୁ ରୂପ ପ୍ରଦାନ କରିବ। ଏହି ଚିନ୍ତାଧାରା ଜଣକୁ ଦିନ ତମାମ ସକ୍ରିୟ ଓ ଅନୁପ୍ରେରିତ କରି ରଖିପାରେ।

ଅନ୍ୟପଟେ ବର୍ତ୍ତମାନର ଆଧୁନିକ ଜୀବନଶୈଳୀରେ କର ଦର୍ଶନ ପରମ୍ପରା ଅନେକ ପରିବାରରେ ଜୀବିତ ଅଛି। ଏହାର ବଡ଼ କାରଣ ହେଉଛି ଏହାର ସରଳ ଏବଂ ପ୍ରେରଣାଦାୟକ ବାର୍ତ୍ତା। ଏହା ଜଣକୁ ମନେ ପକାଇ ଦିଏ ଯେ, ସଫଳତା ଲାଗି ପରିଶ୍ରମ, ଜ୍ଞାନ ଏବଂ ସକାରାତ୍ମକ ଚିନ୍ତାଧାରା ଜରୁରି।

ନିର୍ଜଳା ଏକାଦଶୀରେ ଦାନ

ହିନ୍ଦୁ ଧର୍ମରେ ନିର୍ଜଳା ଏକାଦଶୀକୁ ସବୁଠୁ ବଡ଼ ଏକାଦଶୀ ବୋଲି କୁହାଯାଏ। ଏହା ଜ୍ୟେଷ୍ଠମାସ ଶୁକ୍ଳ ପକ୍ଷରେ ପଡ଼ିଥାଏ। ଏହା ଭୀମସେନୀ ଏକାଦଶୀ ନାମରେ ମଧ୍ୟ ପରିଚିତ। ଏହି ବ୍ରତ ଭଗବାନ ବିଷ୍ଣୁଙ୍କ ଭକ୍ତି ଓ କଠିନ ଉପବାସ ଲାଗି ପରିଚିତ। ଧାର୍ମିକ ମାନ୍ୟତାନୁସାରେ ଏହି ଗୋଟିଏ ବ୍ରତକୁ କରିବା ଦ୍ୱାରା ବର୍ଷ ତମାମ ସମସ୍ତ ଏକାଦଶୀର ପୁଣ୍ୟ ପ୍ରାପ୍ତ ହୋଇଥାଏ। ଏଥର ଏହି ବ୍ରତ ଜୁନ୍ ୨୫ରେ ପାଳନ କରାଯିବ।

ଏହି ଏକାଦଶୀରେ କୌଣସି ଖାଦ୍ୟ କିମ୍ବା ଜଳ ଗ୍ରହଣ କରାଯାଏ ନାହିଁ। ବିଶେଷକରି ପାଣି ପିଇବା ମନା। ତେଣୁ ଏହାକୁ ନିର୍ଜଳା ଏକାଦଶୀ କୁହାଯାଏ। ଏହି କାରଣରୁ ଅନ୍ୟ ବ୍ରତ ତୁଳନାରେ ଏହାକୁ ଅତ୍ୟନ୍ତ କଠିନ ବ୍ରତ କୁହାଯାଏ। ସେହିପରି ଏକାଦଶୀରେ ସୂର୍ଯ୍ୟୋଦୟଠାରୁ ଆରମ୍ଭ କରି ଦ୍ୱାଦଶୀ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ଅନ୍ନ ଓ ଜଳ ଗ୍ରହଣ ବିନା ଉପବାସ କରାଯାଏ। ଏହିଦିନ ଭଗବାନ ବିଷ୍ଣୁଙ୍କ ପୂଜାର୍ଚ୍ଚନା କରାଯାଏ। ଉତ୍ତମ ସ୍ୱାସ୍ଥ୍ୟ, ଦୀର୍ଘ ଆୟୁ ତଥା ଆଧ୍ୟାତ୍ମିକ ଉନ୍ନତିର କାମନା କରାଯାଏ। ମାନ୍ୟତା ଅଛି ପାଣ୍ଡବଙ୍କ ମଧ୍ୟରେ ଭୀମସେନ ଏହି ବ୍ରତ ପାଳନ କରିଥିଲେ। ଭୀମସେନ ଏହି ନିର୍ଜଳା ଏକାଦଶୀ ବ୍ରତ କରିଥିବାରୁ ଏହାକୁ ଭୀମସେନୀ ଏକାଦଶୀ ବୋଲି କୁହାଯାଏ। ବ୍ରତଧାରୀଙ୍କୁ ଏହିଦିନ ଧର୍ମ, ଅର୍ଥ, କାମ, ମୋକ୍ଷ ପ୍ରାପ୍ତି ହୋଇଥାଏ।

ନିର୍ଜଳା ଏକାଦଶୀ ଅବସରରେ ଦାନର ବିଶେଷ ମହତ୍ତ୍ୱ ଅଛି। ଦାନ କରିବା ଦ୍ୱାରା ଭଗବାନ ବିଷ୍ଣୁ ଓ ମାତା ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି। ଦାନ ଦ୍ୱାରା ଦରିଦ୍ରତା ଦୂର ହେବା ସହ ଘରେ ସୁଖ-ସମୃଦ୍ଧିର ଆଗମନ ହୁଏ। ନିର୍ଜଳା ଏକାଦଶୀରେ ଜଳଦାନକୁ ସବୁଠୁ ମହାଦାନ କୁହାଯାଏ। ଗରିବ ଲୋକଙ୍କୁ ଜଳ ଦାନ କରିବା ଭଲ। ଜୀବନରେ ସୁଖଶାନ୍ତି ବଜାୟ ରହେ। ସେହିପରି ଶୁଭଫଳ ଚାହୁଁଥିଲେ ଭଗବାନ ବିଷ୍ଣୁଙ୍କ ପୂଜା ପରେ ଫଳ ଦାନ କରିବା ଉଚିତ। ଫଳ ଦାନ ଦ୍ୱାରା ଅଟକି ଥିବା ଧନ ମିଳିଥାଏ। ସୁଖୀ ଦାମ୍ପତ୍ୟ ଜୀବନ ପାଇଁ ଏହିଦିନ ସଧବା ମହିଳା ସୁହାଗ ଜିନିଷ ଦାନ କରିବା ଭଲ। ଏହାବାଦ୍ ହଳଦିଆ ବସ୍ତ୍ର, ଚଣା ଡାଲି, ହଳଦୀ ଦାନ କରିପାରିବେ। ଅନ୍ୟପଟେ ଜୀବନର ସମସ୍ତ କଷ୍ଟରୁ ମୁକ୍ତି ଚାହୁଁଥିଲେ ନିର୍ଜଳା ଏକାଦଶୀରେ ଜୋତା, ଚପଲ ଦାନ କରିବା ଶୁଭ। ଏହା ଦ୍ୱାରା ବିଗିଡ଼ିବା କାମ ଠିକ୍ ହୁଏ। ବ୍ୟବସାୟରେ ସଫଳତା ପ୍ରାପ୍ତି ହୁଏ।

ପଞ୍ଚମୁଖୀ ବେଲପତ୍ର

ଭଗବାନ ଶିବଙ୍କ ପୂଜାରେ ବେଲପତ୍ର ଖୁବ୍ ଗୁରୁତ୍ୱ ବହନ କରେ। ତେବେ ପଞ୍ଚମୁଖୀ ବେଲପତ୍ର ଖୁବ୍ ଦୁର୍ଲଭ। ପଞ୍ଚମୁଖୀ ବେଲପତ୍ରକୁ ଶିବଲିଙ୍ଗରେ ଚଢ଼ାଇବା ଅତ୍ୟନ୍ତ ଶୁଭ। ଶିବ ପୁରାଣ ଏବଂ ଜ୍ୟୋତିଷ ମାନ୍ୟତାନୁସାରେ, ପଞ୍ଚମୁଖୀ ବେଲପତ୍ର ଶିବଲିଙ୍ଗ ଉପରେ ଅର୍ପଣ କରିବା ଦ୍ୱାରା ଚିନ୍ତା, ସମସ୍ୟା ଓ ତାପରୁ ମୁକ୍ତି ମିଳିଥାଏ।

- ପଞ୍ଚମୁଖୀ ବେଲପତ୍ରରେ ଶିବ ପୂଜା କଲେ ମହାଦେବଙ୍କ ବିଶେଷ କୃପା ପ୍ରାପ୍ତି ହୁଏ।
- ଅର୍ଥ ସମସ୍ୟା, ବ୍ୟବସାୟରେ କ୍ଷତି ଏବଂ ଚାକିରି କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେଉ ନ ଥିଲେ ଶିବଲିଙ୍ଗରେ ପଞ୍ଚମୁଖୀ ବେଲପତ୍ର ଚଢ଼ାଇଲେ ଏହି ସବୁ ସମସ୍ୟା ଧୀରେ ଧୀରେ ଦୂର ହୁଏ।
- ସେହିପରି ଏହାକୁ ଶିବଲିଙ୍ଗରେ ଅର୍ପଣ କରିବା ପରେ ଘରକୁ ଆଣି ପୂଜା ଘରେ ରଖନ୍ତୁ। ଏହାକୁ ଘରେ ରଖି ନିୟମିତ ପୂଜା କରିବା ଭଲ। ନଚେତ ଏହାକୁ ସାଇତି ରଖିପାରିବେ।
- ସେହିପରି ପଞ୍ଚମୁଖୀ ବେଲପତ୍ର ମିଳିବା ଅତ୍ୟନ୍ତ ସୌଭାଗ୍ୟଜନକ। ଏହି ବେଲପତ୍ର ମିଳିବା ଭଲ ଦିନର ଆରମ୍ଭ ବୋଲି ସୂଚାଏ।
- ପଞ୍ଚମୁଖୀ ବେଲପତ୍ର ମିଳିବା ଦ୍ୱାରା ଅଟକି ରହିଥିବା କାର୍ଯ୍ୟ ଶୀଘ୍ର ଶେଷ ହେବା ବିଶ୍ୱାସ କରାଯାଏ।

ମା' ଲକ୍ଷ୍ମୀଙ୍କ ଆଗମନର ସଙ୍କେତ

ଘରର ଜିନିଷକୁ ଠିକ୍ ତଥା ବ୍ୟବସ୍ଥିତ ଭାବେ ରଖିଲେ ମା' ଲକ୍ଷ୍ମୀଙ୍କ ଆଗମନ ହୋଇଥାଏ ବୋଲି କୁହାଯାଏ। ତେବେ ବାସ୍ତୁ ଶାସ୍ତ୍ରରେ କିଛି ଏମିତି ବି ସଙ୍କେତ ଅଛି, ଯାହାକି ଘରକୁ ଲକ୍ଷ୍ମୀ ମା'ଙ୍କ ଆଗମନ ସହ ଯୋଡ଼ି ଦେଖାଯାଏ।

- ତୁଳସୀ ଗଛର ଅଚାନକ ବୃଦ୍ଧି ଘଟିଲେ ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତି ହୁଏ। ଘରକୁ ସକାରାତ୍ମକ ଶକ୍ତି ଆସେ।
- ବିନା କୌଣସି ପରିଶ୍ରମରେ ଆର୍ଥିକ ଲାଭ ହେଉଥିଲେ ଏହା ଏକଥାକୁ ଦର୍ଶାଏ ଯେ, ଜୀବନରେ ଆର୍ଥିକ ଲାଭର ଦ୍ୱାର ଉନ୍ମୁକ୍ତ ହେଉଛି।
- ସେହିପରି କୌଣସି କାରଣ ବିନା ଘରର ପରିବେଶ ଶାନ୍ତ ଓ ଖୁସି ରହିବାକୁ ଶୁଭ ସଙ୍କେତ ବୋଲି ବିଚାର କରାଯାଏ। ଏହା ପରିବାର ସଦସ୍ୟଙ୍କ ମଧ୍ୟରେ ସ୍ନେହ, ଶ୍ରଦ୍ଧା ବଢ଼ିବାର ସଙ୍କେତ ଦିଏ।
- ସକାଳର ପ୍ରାରମ୍ଭ କୌଣସି ଶୁଭ ତଥା ସକାରାତ୍ମକ ଖବରରୁ ଆରମ୍ଭ ହେଉଥିଲେ ଏହାକୁ ବି ମା' ଲକ୍ଷ୍ମୀଙ୍କ କୃପା ବୋଲି କୁହାଯାଏ। ଏହା ଜୀବନରେ ଖୁସିର ଆଗମନକୁ ଦର୍ଶାଏ।
- ସେହିପରି ଅଚାନକ ଘର ସୁଗନ୍ଧିତ ହେବା ବି ଏକପ୍ରକାର ଶୁଭ ସଙ୍କେତ। ବାସ୍ତୁ ଶାସ୍ତ୍ରରେ ଏହା ମା' ଲକ୍ଷ୍ମୀଙ୍କ ଉପସ୍ଥିତିର ପ୍ରତୀକ ଭାବେ ବିଚାର କରାଯାଏ।

ଉତ୍କଳ ସମାଚାର

ସମ୍ପାଦକୀୟ...

ମଙ୍ଗଳବାର ୨୩ ଜୁନ୍ ୨୦୨୬

ଓଡିଶାର ସାମାଜିକ ସୁରକ୍ଷା ସଙ୍କଟ

ଓଡିଶାର ସାମାଜିକ ସୁରକ୍ଷା ବ୍ୟବସ୍ଥାରେ ଆଜି ଯେଉଁ ଅଭାବନୀୟ ଓ ସଂଗୀନ ସଙ୍କଟ ଦେଖାଦେଇଛି, ତାହା କେବଳ ଏକ ପ୍ରଶାସନିକ କିମ୍ବା ବେସରକାରୀ ତ୍ରୁଟି ନୁହେଁ, ବରଂ ଏକ ଚରମ ମାନବୀୟ ସଙ୍କଟ ଏବଂ ସାମାଜିକ ବ୍ୟବସ୍ଥାର ମୂଳଦୁଆ ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏକ ଗଣତାନ୍ତ୍ରିକ ଏବଂ କଲ୍ୟାଣକାରୀ ସରକାରର ମୌଳିକ ଦାୟିତ୍ୱ ଓ ପରମ କର୍ତବ୍ୟ ହେଉଛି ସମାଜର ସବୁଠାରୁ ନିମ୍ନ ସ୍ତରରେ, ଅର୍ଥାତ ଶେଷ ଧାଡିରେ ଠିଆ ହୋଇଥିବା ଅସହାୟ, ଦରିଦ୍ର, ବୃଦ୍ଧବୃଦ୍ଧା, ଅନାଥ, ବିଧବା ଏବଂ ଭିନ୍ନକ୍ଷମମାନଙ୍କୁ ସର୍ବନିମ୍ନ ସୁରକ୍ଷା ଓ ବଂଚିବାର ଅଧିକାର ପ୍ରଦାନ କରିବା, ମାତ୍ର ଓଡିଶା ଭଳି ଏକ ବିକାଶଶୀଳ ରାଜ୍ୟରେ ଯେଉଁଠାରେ ଲକ୍ଷ ଲକ୍ଷ ପରିବାର କେବଳ ଏବଂ କେବଳ ସରକାରୀ ଆର୍ଥିକ ସହାୟତା ଉପରେ ନିର୍ଭର କରି ନିଜର ଦାନା କାନି ତଥା ଦୈନନ୍ଦିନ ଗୁଜୁରାଣ ମେଂଟାଇଥାନ୍ତି, ସେଠାରେ ଗତ ତିନି ମାସ ଧରି 'ମଧୁବାବୁ ପେନସନ ଯୋଜନା' ସମେତ ବିଭିନ୍ନ ସାମାଜିକ ନିରାପତା ଭତା ହଠାତ ବନ୍ଦ ହୋଇଯିବା ଫଳରେ ସାରା ରାଜ୍ୟରେ ଏକ କରୁଣ ଓ ଯାତନାଦାୟକ ପରିବେଶ ସୃଷ୍ଟି ହୋଇଛି । ଏହି ପରିପ୍ରେକ୍ଷୀରେ ଯଦି ଆମେ ଏକ ବଡ ସାମାଜିକ ତୁଳନାତ୍ମକ ପ୍ରଶ୍ନ ଉଠାଇବା ଯେ, ଯେଉଁଭଳି ଭାବରେ ଗରିବ ଏବଂ ଅସହାୟ ଲୋକଙ୍କର ମାସିକ କେଇଶହ ଟଙ୍କାର ଭତାକୁ ମାସ ମାସ ଧରି ଅଟକାଇ ରଖାଯାଇଛି, ଠିକ ସେହିପରି ଯଦି ସାରା ଜୀବନ ସରକାରୀ ବ୍ୟବସ୍ଥାରେ କାର୍ଯ୍ୟ କରି ଅବସର ନେଇଥିବା ଉଚ୍ଚପଦସ୍ଥ କର୍ମଚାରୀ କିମ୍ବା ମଧ୍ୟମ ଶ୍ରେଣୀର ଚାକିରିଆମାନଙ୍କର ମାସିକ ପେନସନ କୌଣସି ପ୍ରଶାସନିକ କାରଣରୁ ତିନି ମାସ ପାଇଁ ସମ୍ପୂର୍ଣ୍ଣ ବନ୍ଦ ହୋଇଟାଏ, ତେବେ ସେମାନଙ୍କ ମନରେ ଏବଂ ସମଗ୍ର ବ୍ୟବସ୍ଥାରେ କିଭଳି ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବ ଏବଂ ସେମାନେ କିପରି ଅନୁଭବ କରିବେ, ତାହା କଳ୍ପନା କଲେ ସାମଜିକ ବୈଷମ୍ୟର ପ୍ରକୃତ ଓ ନଗ୍ନ ରୂପ ସାମ୍ନାକୁ ଆସିଥାଏ । ବାସ୍ତବରେ ଓଡିଶାର ଗ୍ରାମାଂଚଳ ଓ ଦୁର୍ଗମ ଅଂଚଳରେ ରହୁଥିବା ଜଣେ ଅସହାୟ ବୟୋବୃଦ୍ଧ ବ୍ୟକ୍ତି, ଶାରୀରିକ ବା ମାନସିକ ଭାବେ ଅକ୍ଷମ ଜଣେ ଭିନ୍ନକ୍ଷମ କିମ୍ବା ସ୍ୱାମୀଙ୍କୁ ହରାଇ ସମାଜରେ ଏକାକୀ ସଂଘର୍ଷ କରୁଥିବା ଜଣେ ନିରାଶ୍ରୟ ବିଧବା ମହିଳାଙ୍କ ପାଇଁ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ଏହି ମାସିକ ଭତା କୌଣସି ବିଳାସିତା ବା ଅତିରିକ୍ତ ଆନନ୍ଦର ଉତ୍ସ ନୁହେଁ ବରଂ ଏହା ସେମାନଙ୍କ ପାଇଁ ଦୁଇ ଓଳି ମୁଠେ ସାଧାରଣ ଭାତ ଖାଇବା, ବାର୍ଦ୍ଧକ୍ୟ ଜନିତ ରୋଗରୁ ମୁକ୍ତି ପାଇଁ କିଛି ଜରୁରୀ ଔଷଧ କିଣିବା ଏବଂ ନିଜର ଶରୀରକୁ ଆଜୀବନ କରିବା ପାଇଁ ଖଣ୍ଡେ ଲୁଗା ଯୋଗାଡ କରିବାର ଏକମାତ୍ର ଜୀବନ ରକ୍ଷାକାରୀ ସାହାରା ଅଟେ । ଗତ ତିନି ମାସ ହେବ ପ୍ରଶାସନର ଚରମ ଉଦାସୀନତା କିମ୍ବା ବ୍ୟବସ୍ଥାର କୌଣସି ଯାନ୍ତ୍ରିକ ତ୍ରୁଟି ହେତୁ ଏହି ଅର୍ଥ ମିଳିନଥିବା ଯୋଗୁଁ ଆଜି ହଜାର ହଜାର ଗରିବ ପରିବାର ଓଳିଏ ଖାଇ ଓଳିଏ ଉପାସ ରହୁଛନ୍ତି, ଅନେକ ବୃଦ୍ଧବୃଦ୍ଧା ଟଙ୍କା ଅଭାବରୁ ନିଜର ନିୟମିତ ଔଷଧ କିଣି ନପାରି ଶଯ୍ୟାଶାୟୀ ହୋଇ ମରଣ ସହ ପଞ୍ଝା ଲଢୁଛନ୍ତି ଏଂବ ବୟସର ଅପରାହ୍ନରେ ପହଂଚିଥିବା ଏହି ଅସହାୟ ମଣିଷମାନେ ପ୍ରତି ମାସରେ ଖରା, ବର୍ଷା ଓ ଶୀତକୁ ଖାତିର ନକରି ପଂଚାୟତ କାର୍ଯ୍ୟାଳୟ, ବ୍ଲକ ଅଫିସ କିମ୍ବା ବ୍ୟାଙ୍କ ସମ୍ମୁଖରେ ସକାଳୁ ସଞ୍ଜ ପର୍ଯ୍ୟନ୍ତ ଲମ୍ବା ଲାଇନ ଲଗାଇ ଶେଷରେ ଶୂନ୍ୟ ହାତରେ ଓ ନିରାଶ ମନରେ ନିଜ ଘରକୁ ଫେରୁଛନ୍ତି, ଯେଉଁଠି ସେମାନଙ୍କ ଆଖିରୁ ଝରି ପଡୁଥିବା ଅଶ୍ରୁର ଏବଂ ମନର କୋହ ଆଜି ପ୍ରଶାସନକି ସ୍ଥାଣୁତାର ଏକ ଜ୍ୱଳନ୍ତ ମୂକ ସାକ୍ଷୀ ସାଜିଛି । ଯଦି ଆମେ ଏହି କଠୋର ସତ୍ୟ ସହ ସରକାରୀ ଅବସରପ୍ରାପ୍ତ କର୍ମଚାରୀଙ୍କ ସ୍ଥିତିକୁ କଳ୍ପନାତ୍ମକ ଭାବେ ତୁଳନା କରିବା, ତେବେ ଦେଖାଯିବ ଯେ ଜଣେ ସରକାରୀ ଚାକିରିଆ ନିଜର ସାରା ଜୀବନର ସେବା ଓ ପରିଶ୍ରମ ପରେ ଏହି ଆଶାରେ ଥାଆନ୍ତି ଯେ ବୃଦ୍ଧାବସ୍ଥାରେ ସେମାନଙ୍କୁ ମିଳୁଥିବା ମାସିକ ପେନ୍‌ସନ୍ ଅର୍ଥ ସେମାନଙ୍କୁ ସମାଜରେ ଆର୍ଥିକ ସ୍ୱାଧୀନତା ଓ ସ୍ୱାଭିମାନ ପ୍ରଦାନ କରିବ, ମାତ୍ର ଯଦି ସରକାର ସେମାନଙ୍କ ପେନ୍‌ସନ୍‌କୁ ତିନି ମାସ ପାଇଁ ଅଟକାଇ ଦିଅନ୍ତି, ତେବେ ସର୍ବପ୍ରଥମେ ସେମାନଙ୍କ ମାନସିକ ଶାନ୍ତି ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟାସ୍ତ ହୋଇଯିବ, ସେମାନେ ନିଜକୁ ଗଭୀର ଆର୍ଥିକ ଅସୁରକ୍ଷିତତା ମଧ୍ୟକୁ ଠେଲି ହୋଇଯାଇଥିବା ଅନୁଭବ କରିବେ ଏବଂ ସାରା ଜୀବନ ଯେଉଁ ବ୍ୟବସ୍ଥାର ଚାବି କାଠି ଧରି ସେମାନେ ଶାସନ ଗାଡି ଚଳାଉଥିଲେ, ହଠାତ ସେହି ବ୍ୟବସ୍ଥା ଦ୍ୱାରା ନିଜକୁ ପ୍ରତାରିତ ଓ ଅପମାନିତ ମନେ କରିବେ । କେବଳ ସେତିକି ନୁହେଁ, ଆମର ବର୍ତମାନର ସାମାଜିକ ଏବଂ ପାରିବାରିକ ଚିତ୍ରକୁ ଦେଖିଲେ ଏହା ସ୍ପଷ୍ଟ ଜଣାପଡେ ଯେ ଅନେକ ସମୟରେ ବୃଦ୍ଧ ପିତାମାତାଙ୍କୁ ପରିବାରରେ ଯେଉଁ ସମ୍ମାନ, ସ୍ନେହ ଓ ଶ୍ରଦ୍ଧା ମିଳିଥାଏ, ତାହା ପଛରେ ସେମାନଙ୍କ ଆର୍ଥିକ ସ୍ଥିରତା ବା ପେନସନର ଏକ ବଡ ଗୁପ୍ତ ଭୂମିକା ଥାଏ, ତେଣୁ ପେନସନ ବନ୍ଦ ହେବା ମାତ୍ରେ ସେହି ସ୍ୱାଭିମାନୀ ବୃଦ୍ଧମାନେ ନିଜ ନିଜ ପରିବାରରେ କାଳକ୍ରମେ ଏକ ବୋଝ ସଦୃଶ ହୋଇଯିବାର ଆଶଙ୍କା ଦେଖାଦେବ, ଯେଉଁଠି ଦୈନନ୍ଦିନ ଖର୍ଚ୍ଚ, ଘର ଭଡା ଏବଂ ମେଡିକାଲ ଖର୍ଚ୍ଚ ପାଇଁ ସେମାନଙ୍କୁ ନିଜ ପିଲାମାନଙ୍କ ଆଗରେ ବାଧ୍ୟ ହୋଇ ହାତ ପାତିବାକୁ ପଡିବ, ଯାହା ଜଣେ ସ୍ୱାଭିମାନୀ ଅବସରପ୍ରାପ୍ତ ବ୍ୟକ୍ତିଙ୍କ ପାଇଁ ମରଣାନ୍ତକ ଯାତନାଠାରୁ ମଧ୍ୟ ଅଧିକ କଷ୍ଟଦାୟକ ହୋଇଥାଏ । ଏହା ସହିତ ଯଦି ସରକାରୀ କର୍ମଚାରୀଙ୍କ ପେନସନରେ ବି ବିଳମ୍ବ ହୁଏ, ତେବେ ରାଜ୍ୟର ବିଭିନ୍ନ ପ୍ରଭାବଶାଳୀ କର୍ମଚାରୀ ସଂଘ ତତ୍କାଳ ସଂଗଠିତ ହୋଇ ରାଚନୀତିକୁ ଓହ୍ଲାଇ ଆସିବେ, ହାତରେ କଳା ବ୍ୟାଜ୍ ପିନ୍ଧିବା, ସଚିବାଳୟ କିମ୍ବା ବିଧାନସଭା ସମ୍ମୁଖରେ ଗର୍ଜନ କରି ଧାରଣା ଦେବା ଏବଂ ସମଗ୍ର ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ସରକାରଙ୍କ ବିରୋଧରେ ତୀବ୍ର ଅସନ୍ତୋଷ ପ୍ରକାଶ କରି ଶାସନ ବଳକୁ ସ୍ଥାଣୁ କରିଦେବା ନିଶ୍ଚିତ ହୋଇଯିବ, କାରଣ ସେମାନଙ୍କ ପାଖରେ ଶିକ୍ଷା ଅଛି, ଅଧିକାର ମାଗିବାର ସ୍ୱର ଅଛି, ବଡ ସଂଗଠନ ଅଛି ଏବଂ ଆବଶ୍ୟକୀୟ ସଂସାଧନ ମଧ୍ୟ ପ୍ରଚୁର ପରିମାଣରେ ରହିଛି । ମାତ୍ର ଏହି ପରିପ୍ରେକ୍ଷୀରେ ହିଁ ସମାଜର ସବୁଠାରୁ ବଡ ଏବଂ କ୍ରୁର ବୈଷମ୍ୟ ପଦାରେ ପଡିଥାଏ, କାରଣ ସକ୍ଷମ ସରକାରୀ କର୍ମଚାରୀ କିମ୍ବା ପେନସନ ଭୋଗୀଙ୍କ ପାଖରେ ନିଜର ଅଧିକାର ସାବ୍ୟସ୍ତ କରିବା ସଂଘ ଓ ଶକ୍ତି ଥିବାବେଳେ ଓଡିଶାର କୌଣସି ଜଣେ ଦରିଦ୍ର ବୃଦ୍ଧି, ଅସହାୟ ବିଧବା କିମ୍ବା ଶାରୀରିକ ଅକ୍ଷମ ଭିନ୍ନକ୍ଷମଙ୍କ ପାଖରେ କୌଣସି ନିଜସ୍ୱ ସଂଗଠନ ନାହିଁ, ସେମାନେ ନିଜର ଭୋକିଲା ପେଟକୁ ଧରି ରାଜପଥ ଅବରୋଧ କରି ଗାଡି ମୋଟର ବନ୍ଦ କରିପାରିବେ ନାହିଁ କି ପ୍ରେସ କ୍ଲବରେ ବସି ସାମ୍ବାଦିକ ସମ୍ମିଳନୀ ଜରିଆରେ ସରକାରଙ୍କୁ ଚେତାବନୀ ଦେଇପାରିବେ ନାହିଁ, ତେଣୁ ସେମାନଙ୍କ କୋହ ଓ ଆକ୍ରୋଶ କେବଳ ପଂଚାୟତ ଅଫିସର ଶୀତଳ କାନ୍ଥ ଏବଂ ବାରଣ୍ଡାର ଶୂନ୍ୟତାରେ ମିଶି ଅତି ନିସ୍ତବ୍ଧ ଭାବେ ରହିଯାଏ ।

ଲେଖୁଛି ଲେଖନି

କୌଣସି ସେମିନାରରେ ଜଣେ ଗବେଷିକା ଦାବି କରି ବସିଲେ, ସେକ୍ସପିୟରଙ୍କ ନାମରେ ଉପଲବ୍ଧ ନାଟକ ସବୁର ପ୍ରକୃତ ଲେଖକ ଆଉ କେହି ନୁହନ୍ତି, ସ୍ୱୟଂ ରାଣୀ ଏଲିଜାବେଥ । ଜଣେ ଶ୍ରୋତା ଆପତି କଲେ, ଶବ୍ଦ ସହ ଲୁଚକାଳି ଖେଳ ଖେଳିବା ଜଣେ ନାରୀ ପକ୍ଷରେ ଏତେ ସହଜ ନୁହେଁ, ମାଡାମ ! ଗବେଷିକା କଥା କାଟି କହିଲେ, ଏ କଥା ମଧ୍ୟ ସେ ପ୍ରମାଣ କରିଦେବେ ଯେ, ରାଣୀ ଏଲିଜାବେଥ ଆଦୌ ନାରୀ ନ ଥିଲେ ! ମନୋଜ ଦାସଙ୍କର 'ଦୂର ଦୂରାନ୍ତ'ରେ ଏଭଳି କିଛି ଗୋଟେ ରୋଚକ କଥା ପଢ଼ି ବେଳେ ବେଳେ ଭାବିଛି, ଆମେ ଯାହାଙ୍କୁ ପଢ଼ିଛେ, ପ୍ରକୃତ ଲେଖକ ସେଇମାନେ, ନା ଅନ୍ୟ କେହି ପ୍ରକୃତ ଲେଖା ସବୁ ସେଇଆ, ନା ଅନ୍ୟ କିଛି ? ହୋମର, ସେକ୍ସପିଅର, ବ୍ୟାସ, ବାଲ୍ମୀକି, ଭଞ୍ଜ, ବଳଦେବ, ସାରଳା, ଜଗନ୍ନାଥ ଦାସ ଆଦିଙ୍କୁ ଆମେ କ'ଣ ସତରେ ପଢ଼ିଛେ ? କୁଆଡ଼େ, ବ୍ୟାସ ମାତ୍ର ୮,୮୦୦ ଶ୍ଳୋକ କହିଥିଲେ, ଯାହାକୁ ପରେ ବୈଶମ୍ପାୟନ ୨୪,୦୦୦ କରିଥିଲେ ଓ ଉଗ୍ରଶ୍ରବା ଏକ ଲକ୍ଷ, ଯାହା 'ମହାଭାରତ' ଭାବରେ ଏବେ ଖ୍ୟାତ । କିନ୍ତୁ, କେଉଁ ଶ୍ଳୋକ ସବୁ ପ୍ରକୃତରେ ବ୍ୟାସଙ୍କର ଏ ଅନୁସନ୍ଧିତ୍ସା କ'ଣ ଅବାନ୍ତର ଲେଖକ କିଏ ? ଏ କଥା 'ପାଠ' ସ୍ଥିର କରିବ, ନା 'ପାଠକ' ? 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ'ର ଭଣିତାରେ ଆଠଗଡ଼ର ରାଜା ପ୍ରଣେତା ବୋଲି ସୂଚିତ ହେଇଛି ଏମିତି : ''କହେ ଅଷ୍ଟଦୁର୍ଗ ପତି...'' ଅର୍ଥାତ୍ ଆଠଗଡ଼ର ରାଜା କହୁଛନ୍ତି । କିନ୍ତୁ, ଆମକୁ କୁହାଯାଇଛି, ସେଇ ଚମ୍ପୂର ରଚୟିତା, କବିସୂର୍ଯ୍ୟ ! ଏବେ ଯଦି କେହି କୌତୁକରେ ଭାବି ବସିବ ଯେ, ତା'ର ପ୍ରକୃତ ସ୍ରଷ୍ଟା, ରାଜା ତ ନୁହନ୍ତି, ବରଂ ରାଣୀ, ଯାହାଙ୍କ ପାଇଁ ହିଁ ସମ୍ଭବତଃ ଗଢ଼ା ଯାଇଥିଲା ସେଥିରେ, ରାଧାକୃଷ୍ଣ ପ୍ରେମର ରୋମାଂଚ, ତା' ହେଲେ ? ପ୍ରାଚୀନ ଲେଖକର ପ୍ରକୃତ ଅସ୍ତିତ୍ୱକୁ ଗୋଟେ ଅମୀମାଂସିତ ପ୍ରଶ୍ନ କହି ତା'ର ଠିକ୍ ଉତର ଜାଣିବା କେବଳ ଅନୁମାନସାପେକ୍ଷ ବୋଲି ନାନା ବାଦବିବାଦ ହେଇଛି । କିନ୍ତୁ କୌଣସି ଗବେଷଣା କେବେ, ମୋ ଜାଣିବାରେ, ସନ୍ଦେହର କଳ୍ପିତ କୋଳାହଳରୁ ବାହାରି ଆସିନି । ହାତଲେଖା ନ ଥିବା ପ୍ରାଚୀନ ପୋଥିର ପ୍ରକୃତ ଲେଖକର ପରିଚୟ ଦେବାର ଉର୍ବର ଅନୁମାନକୁ ଗୋଟେ ମାର୍ଜିତ ମୋଡ଼ରେ ଯାହା ଛାଡ଼ିଦେଇଛି । ଏକଥା ମୋତେ ବିଚଳିତ କରେ । ପୁଣି ଭାବେ, ଏ ବେକାର ବିଦେଶୀ ସାହିତ୍ୟର ଶ୍ରେଷ୍ଠ ରଚନାଗୁଡ଼ିକ ଯେହେତୁ ମୋ ପାଖରେ ପହଂଚିଛି କେବଳ ଅନୁବାଦ ମାଧ୍ୟମରେ, ପ୍ରକୃତରେ ମୁଁ କ'ଣ ମାର୍କେଜ୍, ଟଲଷ୍ଟୟ, ଦସ୍ତୋଭସ୍କି, କାଫକା, କାମ୍ୟୁ ଆଦିଙ୍କୁ ପଢ଼ିଛି, ନା କେବଳ ସେମାନଙ୍କର ଜିଦଖୋର ଅନୁବାଦକମାନଙ୍କୁ ମୋ ପାଖରେ ଟଲଷ୍ଟୟଙ୍କ 'ଯୁଦ୍ଧ ଓ ଶାନ୍ତି' ଉପନ୍ୟାସର ତିନିଟି ଅଲଗା ଅଲଗା ଇଂରେଜୀ ଅନୁବାଦ ଅଛି । ମାର୍କେଜ୍‌ଙ୍କର 'ଶହେ ବର୍ଷର ଏକୁଟିଆପଣ' ଉପନ୍ୟାସର ବଙ୍ଗଳା ଓ ହିନ୍ଦୀ ଅନୁବାଦ ଠାଏ ଠାଏ ଏତେ ଅଲଗା ଯେ, ମୂଳ ସ୍ପାନିସ ଭାଷା ଶିଖିବାକୁ ଇଚ୍ଛା ହୁଏ ! ଏକଥା ବୁଝିଛି, ଅନୁବାଦକମାନେ ନିରୀହ ଜନ୍ତୁ ନୁହନ୍ତି । ସେମାନେ ନିଜର ପ୍ରିୟତମ ଲେଖକମାନଙ୍କର ବୌଦ୍ଧିକ ହତ୍ୟା କରିଦେବାକୁ ଥରେ ଥରେ ଅନୁବାଦକୁ ସର୍ବଶ୍ରେଷ୍ଠ ଶେଷକୃତ୍ୟ ବୋଲି ଭାବନ୍ତି । ତ୍ରିନିଦାଦର ପ୍ରସିଦ୍ଧ ବ୍ରିଟିସ ଲେଖକ ନାଇପଲ ଆଦୌ ଭଲ ପାଉ ନ ଥିଲେ ତାଙ୍କ ଲେଖାରେ କୌଣସି ସଂପାଦକୀୟ ହସ୍ତକ୍ଷେପକୁ । ଏବେ, ସେଇ ଦେଶର ଜଣେ ଲେଖକ ଜାମିର ନଜିରଙ୍କର ଗତ ମାସରେ ପୁରସ୍କୃତ ହେଇଥିବା ଗୋଟେ ଗଳ୍ପକୁ ନେଇ ଉଠିଥିବା ହଟ୍ଟଗୋଳ ମୋ ସ୍ମୃତିର କାର୍ପେଟ ତଳୁ କେଉଁଠୁ ଲୁଚିଥିବା ଲେଖକୀୟ ସତ୍ତାର ଅଜଣା ସାପଟିକୁ ପୁଣି ବାହାର କରିଦେଲା । ଗଳ୍ପଟି ମଣିଷର ଲେଖା ନା କୃତ୍ରିମ ବୁଦ୍ଧିମତାର ଯାନ୍ତ୍ରିକ ସୃଜନଶୀଳତାରୁ ତିଆରି ? ଏଭଳି ପ୍ରଶ୍ନ ଓ ସନ୍ଦେହ ମୋତେ ମନେ ପକେଇଲା ମୋର ପ୍ରିୟ ଲେଖକମାନଙ୍କୁ, ସେମାନଙ୍କର ସେହି ସବୁ ପଙ୍‌କ୍ତି, ଯାହାକୁ ମୁଁ ମନେ ରଖିଛି, ନିଜ ଜୀବନର ଅଂଶ ବୋଲି ଭାବିଛି, ସେଗୁଡ଼ିକ କ'ଣ ସତରେ ସେମାନଙ୍କର ନିଜସ୍ୱ ? ନା ଅନୁବାଦକଙ୍କର ? ନା ସଂପାଦକ ଅବା ସଂକଳକଙ୍କର 'ପାନଗ୍ରାମ-ଲାବ' ନାମକ ଏଆଇ-ସର୍ଜନାର ସତ୍ୟତା ଖୋଜିବାର ପ୍ରୋଗ୍ରାମ କୁଆଡ଼େ ପୁରସ୍କୃତ ଅନ୍ୟ କେତୋଟି ଗପକୁ ମଧ୍ୟ 'ଅସତ୍ୟ କଥନରେ ଦୁଷ୍ଟ' ବୋଲି ପାଇଛି । ଶାରନ ଅରୂପାରାଇଲଙ୍କୁ ୮୮% ଏବଂ ଜନ୍ ଡି ମିକୋଲିଙ୍କୁ, ନଜିରଙ୍କ ଗପ ପରି, ୧୦୦%, ସେମାନଙ୍କର 'ନିଜକୃତ ନୁହେଁ' ବୋଲି ଆକ୍ଷେପ କରିଛି । ଆରୋପକାରୀଙ୍କ ମତରେ, ଗୋଟେ ଯନ୍ତ୍ର ହିଁ କେବଳ କରି ପାରିବ 'ରାତିଅଧିଆ ବର୍ଷା ପରି କେଶ', 'ସୂର୍ଯ୍ୟୋଦୟ ପରି ମୃଦୁହାସ' ଭଳି ସବୁ ଅଜବ ବର୍ଣ୍ଣନା । ସେଥିରେ ହିଁ ନଜିର ଓ ଜନ୍‌ଙ୍କ ଗପ ଦୁଇଟି ଭର୍ତ୍ତି । ମନ ଦେଇ, ନଜିରଙ୍କ ଗପ 'ଦ ସର୍ପେଂଟ ଇନ୍ ଦ ଗ୍ରୋଭ୍' ପଢ଼ିଲା ପରେ ଦେଖିଲି, ଗପଟିରୁ ଲେଖକକୁ ଏକବାରେ ହଟେଇ ହେବ ନାହିଁ । ବିଚିତ୍ର ନାଁ ସବୁ ସେ ଦେଇଛନ୍ତି ଚରିତ୍ରର । ଯେମିତି, 'ବିଷ୍ଣୁ ମୋହମ୍ମଦ' । କେବଳ ମଣିଷ ହିଁ ବୋଧେ ଏମିତି ଭାବିପାରିବ ! ଏହା ଲେଖକର ବୌଦ୍ଧିକ ପରିହାସ ନା ବିକୃତ ପରିକଳ୍ପନା 'କ୍ଲଡ୍ ଏଆଇ', କିନ୍ତୁ ଗପଟିରେ, ମଣିଷର ପାଦଚିହ୍ନକୁ ଅସ୍ୱୀକାର କରିନି । ମୋ ପାଖରେ ଓଡ଼ିଆ 'ଭାଗବତ'ର ଏକାଧିକ ଭିନ୍ନ ପ୍ରକାଶନ ଅଛି । ପ୍ରତ୍ୟେକଟି 'ଜଗନ୍ନାଥ ଦାସ କୃତ' । କିନ୍ତୁ ଆମେ ଜାଣୁ, 'ପାଠ'ତକ ବିଭିନ୍ନ ପୋଥିରୁ ସଂଗୃହୀତ ଓ ସମ୍ପାଦିତ । ଏକଥା କିଛି ବହିର ଆରମ୍ଭରେ ଲେଖାଅଛି । ତେବେ କୌଣସିଟିରେ ଶବ୍ଦ ଅଲଗା, ତ ଅନ୍ୟ କେଉଁଥିରେ ଛନ୍ଦ । ଗୋଟିକର ଦୁଇଟି ଅଧ୍ୟାୟରେ ତ ଅଛି ପ୍ରସିଦ୍ଧ ନବାକ୍ଷରୀ ବୃତ ବଦଳରେ ଚଉଦ-ଅକ୍ଷରିଆ ଧାଡ଼ି ! ପୋଥି ସଂଗ୍ରହ ଓ ସଂପାଦନାର ପରମ୍ପରାରେ ଏପରି ପାଠାନ୍ତର ଅନିବାର୍ଯ୍ୟ ବୋଲି ମୁଁ ବୁଝେ । ତଥାପି ପ୍ରଶ୍ନଟିଏ ରହିଯାଏ, କେଉଁ ପାଠତକ ପ୍ରକୃତରେ, ଜଗନ୍ନାଥ ଦାସଙ୍କର ସତ କହିଲେ, କୃତ୍ରିମ ବୁଦ୍ଧିମତା ଅପେକ୍ଷା ସମ୍ପାଦକ, ସଙ୍କଳକ ଓ ଅନୁବାଦକମାନେ ମୋତେ ଅଧିକ ଭୟ ଦିଅନ୍ତି । ଭୟ ଦିଏ ସେମାନଂକର କଲମ ଓ କଇଁଚି, ଉଭୟ । ଅନ୍ତତଃ, ଏଆଇ ନିଜ ପକ୍ଷରୁ ନିଜର କୃତିତ୍ୱ ଦାବି କରି, ନିଜକୁ ଲେଖକ ବୋଲି ଘୋଷଣା କରେ ନାହିଁ । ଏଣେ, ଜାମିରଙ୍କୁ ନେଇ ତୀବ୍ର ନିନ୍ଦା ଭିତରେ ଅଛି, କେବଳ ଆରୋପକାରୀଙ୍କ ଅଶାଳୀନ ଅନୁମାନ । କାହା ପାଖରେ କୌଣସି ଅକାଟ୍ୟ ପ୍ରମାଣ ନାହିଁ । କେବଳ ସନ୍ଦେହ ! ମୁଁ ଭାବେ, ପାଠ ନୁହେଁ, ପାଠକ ହିଁ ବୋଧେ ନିରୀକ୍ଷମାଣ ନିର୍ଣ୍ଣାୟକ ହେଇଯାଏ, ଲେଖକର ! ସେ ହିଁ ନିର୍ଣ୍ଣୟ କରେ, କିଏ କ'ଣ ଲେଖୁଛି ଓ କ'ଣ ଲେଖୁନି !

ଲେଖୁଛି ଲେଖନି କୌଣସି ସେମିନାରରେ ଜଣେ ଗବେଷିକା ଦାବି କରି ବସିଲେ, ସେକ୍ସପିୟରଙ୍କ ନାମରେ ଉପଲବ୍ଧ ନାଟକ ସବୁର ପ୍ରକୃତ ଲେଖକ ଆଉ କେହି ନୁହନ୍ତି, ସ୍ୱୟଂ ରାଣୀ ଏଲିଜାବେଥ । ଜଣେ ଶ୍ରୋତା ଆପତ୍ତି କଲେ, ଶବ୍ଦ ସହ ଲୁଚକାଳି ଖେଳ ଖେଳିବା ଜଣେ ନାରୀ ପକ୍ଷରେ ଏତେ ସହଜ ନୁହେଁ, ମାଡାମ ! ଗବେଷିକା କଥା କାଟି କହିଲେ, ଏ କଥା ମଧ୍ୟ ସେ ପ୍ରମାଣ କରିଦେବେ ଯେ, ରାଣୀ ଏଲିଜାବେଥ ଆଦୌ ନାରୀ ନ ଥିଲେ ! ମନୋଜ ଦାସଙ୍କର 'ଦୂର ଦୂରାନ୍ତ'ରେ ଏଭଳି କିଛି ଗୋଟେ ରୋଚକ କଥା ପଢ଼ି ବେଳେ ବେଳେ ଭାବିଛି, ଆମେ ଯାହାଙ୍କୁ ପଢ଼ିଛେ, ପ୍ରକୃତ ଲେଖକ ସେଇମାନେ, ନା ଅନ୍ୟ କେହି ? ପ୍ରକୃତ ଲେଖା ସବୁ ସେଇଆ, ନା ଅନ୍ୟ କିଛି ହୋମର, ସେକ୍ସପିଅର, ବ୍ୟାସ, ବାଲ୍ମୀକି, ଭଞ୍ଜ, ବଳଦେବ, ସାରଳା, ଜଗନ୍ନାଥ ଦାସ ଆଦିଙ୍କୁ ଆମେ କ'ଣ ସତରେ ପଢ଼ିଛେ ? କୁଆଡ଼େ, ବ୍ୟାସ ମାତ୍ର ୮,୮୦୦ ଶ୍ଳୋକ କହିଥିଲେ, ଯାହାକୁ ପରେ ବୈଶମ୍ପାୟନ ୨୪,୦୦୦ କରିଥିଲେ ଓ ଉଗ୍ରଶ୍ରବା ଏକ ଲକ୍ଷ, ଯାହା 'ମହାଭାରତ' ଭାବରେ ଏବେ ଖ୍ୟାତ । କିନ୍ତୁ, କେଉଁ ଶ୍ଳୋକ ସବୁ ପ୍ରକୃତରେ ବ୍ୟାସଙ୍କର ଏ ଅନୁସନ୍ଧିତ୍ସା କ'ଣ ଅବାନ୍ତର ଲେଖକ କିଏ ? ଏ କଥା 'ପାଠ' ସ୍ଥିର କରିବ, ନା 'ପାଠକ' 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ'ର ଭଣିତାରେ ଆଠଗଡ଼ର ରାଜା ପ୍ରଣେତା ବୋଲି ସୂଚିତ ହେଇଛି ଏମିତି : ''କହେ ଅଷ୍ଟଦୁର୍ଗ ପତି...'' ଅର୍ଥାତ୍ ଆଠଗଡ଼ର ରାଜା କହୁଛନ୍ତି । କିନ୍ତୁ, ଆମକୁ କୁହାଯାଇଛି, ସେଇ ଚମ୍ପୂର ରଚୟିତା, କବିସୂର୍ଯ୍ୟ ! ଏବେ ଯଦି କେହି କୌତୁକରେ ଭାବି ବସିବ ଯେ, ତା'ର ପ୍ରକୃତ ସ୍ରଷ୍ଟା, ରାଜା ତ ନୁହନ୍ତି, ବରଂ ରାଣୀ, ଯାହାଙ୍କ ପାଇଁ ହିଁ ସମ୍ଭବତଃ ଗଢ଼ା ଯାଇଥିଲା ସେଥିରେ, ରାଧାକୃଷ୍ଣ ପ୍ରେମର ରୋମାଂଚ, ତା' ହେଲେ ? ପ୍ରାଚୀନ ଲେଖକର ପ୍ରକୃତ ଅସ୍ତିତ୍ୱକୁ ଗୋଟେ ଅମୀମାଂସିତ ପ୍ରଶ୍ନ କହି ତା'ର ଠିକ୍ ଉତର ଜାଣିବା କେବଳ ଅନୁମାନସାପେକ୍ଷ ବୋଲି ନାନା ବାଦବିବାଦ ହେଇଛି । କିନ୍ତୁ କୌଣସି ଗବେଷଣା କେବେ, ମୋ ଜାଣିବାରେ, ସନ୍ଦେହର କଳ୍ପିତ କୋଳାହଳରୁ ବାହାରି ଆସିନି । ହାତଲେଖା ନ ଥିବା ପ୍ରାଚୀନ ପୋଥିର ପ୍ରକୃତ ଲେଖକର ପରିଚୟ ଦେବାର ଉର୍ବର ଅନୁମାନକୁ ଗୋଟେ ମାର୍ଜିତ ମୋଡ଼ରେ ଯାହା ଛାଡ଼ିଦେଇଛି । ଏକଥା ମୋତେ ବିଚଳିତ କରେ । ପୁଣି ଭାବେ, ଏ ବେକାର ବିଦେଶୀ ସାହିତ୍ୟର ଶ୍ରେଷ୍ଠ ରଚନାଗୁଡ଼ିକ ଯେହେତୁ ମୋ ପାଖରେ ପହଂଚିଛି କେବଳ ଅନୁବାଦ ମାଧ୍ୟମରେ, ପ୍ରକୃତରେ ମୁଁ କ'ଣ ମାର୍କେଜ୍, ଟଲଷ୍ଟୟ, ଦସ୍ତୋଭସ୍କି, କାଫକା, କାମ୍ୟୁ ଆଦିଙ୍କୁ ପଢ଼ିଛି, ନା କେବଳ ସେମାନଙ୍କର ଜିଦଖୋର ଅନୁବାଦକମାନଙ୍କୁ ମୋ ପାଖରେ ଟଲଷ୍ଟୟଙ୍କ 'ଯୁଦ୍ଧ ଓ ଶାନ୍ତି' ଉପନ୍ୟାସର ତିନିଟି ଅଲଗା ଅଲଗା ଇଂରେଜୀ ଅନୁବାଦ ଅଛି । ମାର୍କେଜ୍‌ଙ୍କର 'ଶହେ ବର୍ଷର ଏକୁଟିଆପଣ' ଉପନ୍ୟାସର ବଙ୍ଗଳା ଓ ହିନ୍ଦୀ ଅନୁବାଦ ଠାଏ ଠାଏ ଏତେ ଅଲଗା ଯେ, ମୂଳ ସ୍ପାନିସ ଭାଷା ଶିଖିବାକୁ ଇଚ୍ଛା ହୁଏ ! ଏକଥା ବୁଝିଛି, ଅନୁବାଦକମାନେ ନିରୀହ ଜନ୍ତୁ ନୁହନ୍ତି । ସେମାନେ ନିଜର ପ୍ରିୟତମ ଲେଖକମାନଙ୍କର ବୌଦ୍ଧିକ ହତ୍ୟା କରିଦେବାକୁ ଥରେ ଥରେ ଅନୁବାଦକୁ ସର୍ବଶ୍ରେଷ୍ଠ ଶେଷକୃତ୍ୟ ବୋଲି ଭାବନ୍ତି । ତ୍ରିନିଦାଦର ପ୍ରସିଦ୍ଧ ବ୍ରିଟିସ ଲେଖକ ନାଇପଲ ଆଦୌ ଭଲ ପାଉ ନ ଥିଲେ ତାଙ୍କ ଲେଖାରେ କୌଣସି ସଂପାଦକୀୟ ହସ୍ତକ୍ଷେପକୁ । ଏବେ, ସେଇ ଦେଶର ଜଣେ ଲେଖକ ଜାମିର ନଜିରଙ୍କର ଗତ ମାସରେ ପୁରସ୍କୃତ ହେଇଥିବା ଗୋଟେ ଗଳ୍ପକୁ ନେଇ ଉଠିଥିବା ହଟ୍ଟଗୋଳ ମୋ ସ୍ମୃତିର କାର୍ପେଟ ତଳୁ କେଉଁଠୁ ଲୁଚିଥିବା ଲେଖକୀୟ ସତ୍ତାର ଅଜଣା ସାପଟିକୁ ପୁଣି ବାହାର କରିଦେଲା । ଗଳ୍ପଟି ମଣିଷର ଲେଖା ନା କୃତ୍ରିମ ବୁଦ୍ଧିମତାର ଯାନ୍ତ୍ରିକ ସୃଜନଶୀଳତାରୁ ତିଆରି ? ଏଭଳି ପ୍ରଶ୍ନ ଓ ସନ୍ଦେହ ମୋତେ ମନେ ପକେଇଲା ମୋର ପ୍ରିୟ ଲେଖକମାନଙ୍କୁ, ସେମାନଙ୍କର ସେହି ସବୁ ପଙ୍‌କ୍ତି, ଯାହାକୁ ମୁଁ ମନେ ରଖିଛି, ନିଜ ଜୀବନର ଅଂଶ ବୋଲି ଭାବିଛି, ସେଗୁଡ଼ିକ କ'ଣ ସତରେ ସେମାନଙ୍କର ନିଜସ୍ୱ ନା ଅନୁବାଦକଙ୍କର ? ନା ସଂପାଦକ ଅବା ସଂକଳକଙ୍କର 'ପାନଗ୍ରାମ-ଲାବ' ନାମକ ଏଆଇ-ସର୍ଜନାର ସତ୍ୟତା ଖୋଜିବାର ପ୍ରୋଗ୍ରାମ କୁଆଡ଼େ ପୁରସ୍କୃତ ଅନ୍ୟ କେତୋଟି ଗପକୁ ମଧ୍ୟ 'ଅସତ୍ୟ କଥନରେ ଦୁଷ୍ଟ' ବୋଲି ପାଇଛି । ଶାରନ ଅରୂପାରାଇଲଙ୍କୁ ୮୮% ଏବଂ ଜନ୍ ଡି ମିକୋଲିଙ୍କୁ, ନଜିରଙ୍କ ଗପ ପରି, ୧୦୦%, ସେମାନଙ୍କର 'ନିଜକୃତ ନୁହେଁ' ବୋଲି ଆକ୍ଷେପ କରିଛି । ଆରୋପକାରୀଙ୍କ ମତରେ, ଗୋଟେ ଯନ୍ତ୍ର ହିଁ କେବଳ କରି ପାରିବ 'ରାତିଅଧିଆ ବର୍ଷା ପରି କେଶ', 'ସୂର୍ଯ୍ୟୋଦୟ ପରି ମୃଦୁହାସ' ଭଳି ସବୁ ଅଜବ ବର୍ଣ୍ଣନା । ସେଥିରେ ହିଁ ନଜିର ଓ ଜନ୍‌ଙ୍କ ଗପ ଦୁଇଟି ଭର୍ତ୍ତି । ମନ ଦେଇ, ନଜିରଙ୍କ ଗପ 'ଦ ସର୍ପେଂଟ ଇନ୍ ଦ ଗ୍ରୋଭ୍' ପଢ଼ିଲା ପରେ ଦେଖିଲି, ଗପଟିରୁ ଲେଖକକୁ ଏକବାରେ ହଟେଇ ହେବ ନାହିଁ । ବିଚିତ୍ର ନାଁ ସବୁ ସେ ଦେଇଛନ୍ତି ଚରିତ୍ରର । ଯେମିତି, 'ବିଷ୍ଣୁ ମୋହମ୍ମଦ' । କେବଳ ମଣିଷ ହିଁ ବୋଧେ ଏମିତି ଭାବିପାରିବ ! ଏହା ଲେଖକର ବୌଦ୍ଧିକ ପରିହାସ ନା ବିକୃତ ପରିକଳ୍ପନା 'କ୍ଲଡ୍ ଏଆଇ', କିନ୍ତୁ ଗପଟିରେ, ମଣିଷର ପାଦଚିହ୍ନକୁ ଅସ୍ୱୀକାର କରିନି । ମୋ ପାଖରେ ଓଡ଼ିଆ 'ଭାଗବତ'ର ଏକାଧିକ ଭିନ୍ନ ପ୍ରକାଶନ ଅଛି । ପ୍ରତ୍ୟେକଟି 'ଜଗନ୍ନାଥ ଦାସ କୃତ' । କିନ୍ତୁ ଆମେ ଜାଣୁ, 'ପାଠ'ତକ ବିଭିନ୍ନ ପୋଥିରୁ ସଂଗୃହୀତ ଓ ସମ୍ପାଦିତ । ଏକଥା କିଛି ବହିର ଆରମ୍ଭରେ ଲେଖାଅଛି । ତେବେ କୌଣସିଟିରେ ଶବ୍ଦ ଅଲଗା, ତ ଅନ୍ୟ କେଉଁଥିରେ ଛନ୍ଦ । ଗୋଟିକର ଦୁଇଟି ଅଧ୍ୟାୟରେ ତ ଅଛି ପ୍ରସିଦ୍ଧ ନବାକ୍ଷରୀ ବୃତ ବଦଳରେ ଚଉଦ-ଅକ୍ଷରିଆ ଧାଡ଼ି ! ପୋଥି ସଂଗ୍ରହ ଓ ସଂପାଦନାର ପରମ୍ପରାରେ ଏପରି ପାଠାନ୍ତର ଅନିବାର୍ଯ୍ୟ ବୋଲି ମୁଁ ବୁଝେ । ତଥାପି ପ୍ରଶ୍ନଟିଏ ରହିଯାଏ, କେଉଁ ପାଠତକ ପ୍ରକୃତରେ, ଜଗନ୍ନାଥ ଦାସଙ୍କର ସତ କହିଲେ, କୃତ୍ରିମ ବୁଦ୍ଧିମତା ଅପେକ୍ଷା ସମ୍ପାଦକ, ସଙ୍କଳକ ଓ ଅନୁବାଦକମାନେ ମୋତେ ଅଧିକ ଭୟ ଦିଅନ୍ତି । ଭୟ ଦିଏ ସେମାନଂକର କଲମ ଓ କଇଁଚି, ଉଭୟ । ଅନ୍ତତଃ, ଏଆଇ ନିଜ ପକ୍ଷରୁ ନିଜର କୃତିତ୍ୱ ଦାବି କରି, ନିଜକୁ ଲେଖକ ବୋଲି ଘୋଷଣା କରେ ନାହିଁ । ଏଣେ, ଜାମିରଙ୍କୁ ନେଇ ତୀବ୍ର ନିନ୍ଦା ଭିତରେ ଅଛି, କେବଳ ଆରୋପକାରୀଙ୍କ ଅଶାଳୀନ ଅନୁମାନ । କାହା ପାଖରେ କୌଣସି ଅକାଟ୍ୟ ପ୍ରମାଣ ନାହିଁ । କେବଳ ସନ୍ଦେହ ! ମୁଁ ଭାବେ, ପାଠ ନୁହେଁ, ପାଠକ ହିଁ ବୋଧେ ନିରୀକ୍ଷମାଣ ନିର୍ଣ୍ଣାୟକ ହେଇଯାଏ, ଲେଖକର ! ସେ ହିଁ ନିର୍ଣ୍ଣୟ କରେ, କିଏ କ'ଣ ଲେଖୁଛି ଓ କ'ଣ ଲେଖୁନି !

ଐତିହାସିକ ଅବଧି, ଯୁଗାନ୍ତକାରୀ ନେତୃତ୍ୱ

୧୦ ଜୁନ୍ ୨୦୨୬ରେ ଭାରତ ନିଜର ଗଣତାନ୍ତ୍ରିକ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟିକରିଛି, ଯେତେବେଳେ ଶ୍ରୀ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଭାବରେ ନିରବଚ୍ଛିନ୍ନ ଭାବେ ୪,୩୯୯ ଦିନର ସେବାକାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି । ଏହା ସହିତ ସେ କ୍ରମାଗତ ଭାବରେ ଏହି ପଦବିରେ ରହିଥିବା ଭାରତର ସବୁଠାରୁ ଦୀର୍ଘତମ ସେବା ପ୍ରଦାନକାରୀ ନିର୍ବାଚିତ ପ୍ରଧାନମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି । ଏହି ଐତିହାସିକ ସଫଳତା କେବଳ ରାଷ୍ଟ୍ର ଗଠନ ପ୍ରତି ତାଙ୍କର ଅଟଳ ପ୍ରତିବଦ୍ଧତାକୁ ଦର୍ଶାଉନାହିଁ, ବରଂ ତାଙ୍କର ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଉପରେ ଭାରତବାସୀ ରଖିଥିବା ଅତୁଟ ବିଶ୍ୱାସ ଓ ଆସ୍ଥାକୁ ମଧ୍ୟ ପ୍ରତିଫଳିତ କରୁଛି । ଏହା ତାଙ୍କର ସୁଦୂରପ୍ରସାରୀ ନେତୃତ୍ୱ, ଜାତୀୟ ବିକାଶ ପ୍ରତି ଅକ୍ଲାନ୍ତ ପରିଶ୍ରମ ଏବଂ ଭାରତର ଜନସାଧାରଣଙ୍କ କଲ୍ୟାଣ ଓ ଆକାଂକ୍ଷା ପୂରଣ ଦିଗରେ ତାଙ୍କର ଦୃଢ଼ନିଷ୍ଠାର ଏକ ଜ୍ୱଳନ୍ତ ପ୍ରମାଣ । ରାଷ୍ଟ୍ରର ପ୍ରଧାନ ସେବକ ଭାବେ ନରେନ୍ଦ୍ର ମୋଦି ଭାରତରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଯୁଗର ଅୟମାରମ୍ଭ କରିଛନ୍ତି । ଏହା ତାଙ୍କର ରାଷ୍ଟ୍ର ପ୍ରଥମ ସୁଶାସନ ଭାବନା ଉପରେ ଆଧାରିତ ଏବଂ ପରିଚାଳିତ । ଠିକ୍ ଯେଭଳି ଇତିହାସ ପୁଣିଥରେ ଆବ୍ରାହମ ଲିଙ୍କନଙ୍କ ପାଇଁ କଡ଼ ଲେଉଟାଇଥିଲା ଏବଂ ତାଙ୍କର ସୁଦୃଢ଼ ନେତୃତ୍ୱ ଫଳରେ କ୍ରୀତଦାସ ପ୍ରଥାର ଗ୍ଲାନି ସବୁଦିନ ପାଇଁ ଶେଷ ହୋଇଥିଲା ଏବଂ ଲକ୍ଷ ଲକ୍ଷ ଲୋକଙ୍କ ଆତ୍ମମର୍ଯ୍ୟାଦା ସୁରକ୍ଷିତ ହୋଇଥିଲା, ସେହିଭଳି ଭାବରେ ଭବିଷ୍ୟତ ପିଢ଼ି ଏକଥା ସ୍ମରଣ କରିବେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏହି ୧୨ବର୍ଷର ଅବଧି ମଧ୍ୟରେ ୨୫କୋଟିରୁ ଅଧିକ ଲୋକଙ୍କୁ ଦାରୁଣ ଦାରିଦ୍ର୍ୟ ମଧ୍ୟରୁ ଉପରକୁ ଉଠାଇବାକୁ ସକ୍ଷମ ହୋଇଛନ୍ତି । ତାଙ୍କରି ସୁଚିନ୍ତିତ ଦୂରଦର୍ଶୀ ଭାବନା, ଅକ୍ଲାନ୍ତ ପ୍ରୟାସ ଏବଂ ପରିବର୍ତନକାରୀ ସୁଶାସନ ଫଳରେ ଅସଂଖ୍ୟ ପରିବାର କେବଳ ସଶକ୍ତ ହୋଇନାହାନ୍ତି, ସେମାନଙ୍କୁ ଉପଯୁକ୍ତ ସୁଯୋଗ, ମର୍ଯ୍ୟାଦା ଏବଂ ଭବିଷ୍ୟତର ଆଶା ମିଳିପାରିଛି । ଏହାଫଳରେ ସେମାନେ ଆର୍ଥିକ ସ୍ୱାଧୀନତାର ପ୍ରତିଶ୍ରୁତିକୁ ଆପଣାଇ ଏକ ଉତମ ଭବିଷ୍ୟତକୁ ମଧ୍ୟ ହାତମୁଠାରେ ପାଇଛନ୍ତି । ଅଧିକନ୍ତୁ ତାଙ୍କର ଏହି ପରିବର୍ତନକାରୀ ଉପକ୍ରମ ସମାଜର କୋଟି କୋଟି ଲୋକଙ୍କ ନିମନ୍ତେ ଶିକ୍ଷା, ବାସଗୃହ, ପରିମଳ, ସ୍ୱାସ୍ଥ୍ୟସେବା ଏବଂ ଖାଦ୍ୟ ନିରାପତା କ୍ଷେତ୍ରରେ ଆତ୍ମସମ୍ମାନ ଏବଂ ସାମାଜିକ ନିରାପତ୍ତାକୁ ସୁନିଶ୍ଚିତ କରିଛି । ୪୪କୋଟିରୁ ଅଧିକ ନାଗରିକଙ୍କୁ ଆୟୁଷ୍ମାନ ଭାରତ ଯୋଜନା ମାଧ୍ୟମରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ନିର୍ଭର ପ୍ରତିଶ୍ରୁତି ମିଳିପାରିଛି । ଏହି ଯୋଜନା ବିଶ୍ୱର ଅନ୍ୟତମ ସର୍ବବୃହତ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଭାବରେ ସୁପରିଚିତ ହୋଇଛି । ଗତ ୧୨ବର୍ଷ ମଧ୍ୟରେ ୧୨କୋଟି ଗ୍ରାମୀଣ ପରିବାରଙ୍କୁ ଜଳ ଜୀବନ ମିଶନ ମାଧ୍ୟମରେ ପାଇପ୍ ଯୋଗେ ନିରାପଦ ଓ ନିର୍ଭରଯୋଗ୍ୟ ପାନୀୟଜଳ ଯୋଗାଇ ଦିଆଯାଉଛି । ଏହାଫଳରେ ଅସଂଖ୍ୟ ପରିବାର କେବଳ ଆତ୍ମମର୍ଯ୍ୟାଦାର ଅଧିକାରୀ ହୋଇନାହାନ୍ତି, ଏହା ସେମାନଙ୍କର ଜୀବନର ଗୁଣାତ୍ମକ ମାନକୁ ମଧ୍ୟ ଉନ୍ନତ କରିପାରିଛି । ୨୦୨୦ ମସିହାଠାରୁ ନିରବଚ୍ଛିନ୍ନ ଭାବରେ ପ୍ରାୟ ୮୦କୋଟି ଲୋକଙ୍କୁ ମାଗଣାରେ ଖାଦ୍ୟାନ୍ନ ଯୋଗାଇ ଦିଆଯାଉଛି, ଯାହା ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିଛି ଏବଂ ଦେଶରେ କେହିଜଣେ ନାଗରିକ ଯେପରି ଅଭୁକ୍ତ ନରହେ ତାହା ମଧ୍ୟ ସୁନିଶ୍ଚିତ ହୋଇପାରିଛି । ଅଧିକନ୍ତୁ ୪କୋଟିରୁ ଅଧିକ ପରିବାର ସେମାନଙ୍କର ନିଜସ୍ୱ ଏକ ନିରାପଦ ଓ ସ୍ଥାୟୀ ବାସଗୃହ ହାସଲ କରିବାର ସ୍ୱପ୍ନ ସାକାର ହୋଇଛି । ଏହା ସେହିସବୁ ଲୋକଙ୍କ ମନରେ ନିରାପତ୍ତା, ଆତ୍ମମର୍ଯ୍ୟାଦା ଏବଂ ଆଶାକୁ ସୁରକ୍ଷିତ ରଖିପାରିଛି । ଏହିସବୁ ଯୋଜନା ଏକତ୍ର ଭାବେ ଏକ ସମ୍ବେଦନଶୀଳ ଶାସନ ବ୍ୟବସ୍ଥାର ସଙ୍କେତ । ପ୍ରଧାନମନ୍ତ୍ରୀ ମୋଦିଙ୍କ ପରିକଳ୍ପନା ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କୁ ସଶକ୍ତ କରିଛି । ସେମାନେ ମହିଳା ହୋଇଥାନ୍ତୁ ଅବା ଯୁବଗୋଷ୍ଠୀ, କୃଷକ ହୁଅନ୍ତୁ ଅବା ଅବହେଳିତ ବର୍ଗ, ସମସ୍ତଙ୍କ ପାଇଁ ସମାନ ମାତ୍ରାର ଯୋଜନା ପ୍ରବର୍ତନ କରାଯାଇଛି । ଦେଶରେ ୩କୋଟିରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି ହେବା ସରକାରଙ୍କ ମହିଳାକୈନ୍ଦ୍ରିକ ବିକାଶ ପରିକଳ୍ପନାର ସଶକ୍ତ ସଫଳତାକୁ ପ୍ରମାଣିତ କରେ । ସେହିଭଳି ନାରୀଶକ୍ତି ଉପକ୍ରମ ମାଧ୍ୟମରେ ମହିଳାମାନେ ବର୍ତମାନ ରାଷ୍ଟ୍ରନିର୍ମାଣ କ୍ଷେତ୍ରରେ ଅଧିକ ମାତ୍ରାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଆସୁଛନ୍ତି । ଭାରତର ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଦୃଶ୍ୟପଟ୍ଟରେ ନାଟକୀୟ ଭାବେ ସମ୍ପ୍ରସାରଣ ଘଟିଛି । ଦେଶରେ ନୂଆ ନୂଆ ଆଇଆଇଟି, ଏମ୍ସ, ମେଡିକାଲ କଲେଜ ଏବଂ ଉଚ୍ଚଶିକ୍ଷାନୁଷ୍ଠାନ ସ୍ଥାପନ ମାଧ୍ୟମରେ ଦେଶର ଯୁବବର୍ଗଙ୍କ ପାଇଁ ଅଭୂତପୂର୍ବ ସୁଯୋଗ ସୃଷ୍ଟିହୋଇଛି । ଅନୁରୂପ ଭାବେ ଭାରତ ଭିତ୍ତିଭୂମି ବିପ୍ଳବ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ସଫଳତା ଲକ୍ଷ୍ୟ କରାଯାଇଛି । ବନ୍ଦେ ଭାରତ ଟ୍ରେନ୍ର ଦ୍ରୁତ ସମ୍ପ୍ରସାରଣ, ବିମାନ ବନ୍ଦର, ଜାତୀୟ ରାଜପଥ ଏବଂ ରେଳ ଷ୍ଟେସନଗୁଡ଼ିକର ଉନ୍ନତିକରଣ ଓ ସମ୍ପ୍ରସାରଣ ସଂଯୋଗୀକରଣ ପ୍ରକଳ୍ପ କ୍ଷେତ୍ରରେ ପଟ୍ଟପରିବର୍ତନକାରୀ ପ୍ରଗତି ଘଟାଇଛି । ଏହା ଦେଶର ଦୁର୍ଗମତମ କ୍ଷେତ୍ରରେ ମଧ୍ୟ ପହଂଚିଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ନେତୃତ୍ୱ ଏକ ଆଧୁନିକ, ସଂଯୋଜିତ ଏବଂ ଆକାଂକ୍ଷୀ ଭାରତର ସୁଦୃଢ଼ ମୂଳଦୁଆ ସ୍ଥାପନ କରିଛି । ଏହିସବୁ ସଫଳତା ଦେଶରେ କେବଳ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିନାହିଁ, ଏଥିସହିତ ସାରାଦେଶର କୋଟି କୋଟି ନାଗରିକଙ୍କ ନିମନ୍ତେ ଜୀବନଧାରଣ ମାନରେ ମଧ୍ୟ ଗୁଣାତ୍ମକ ପରିବର୍ତ୍ତନ ଆଣିଛି । ଭାରତ ଡିଜିଟାଲ ନବାଚାର, ସେମିକଣ୍ଡକ୍ଟର, ମହାକାଶ ପ୍ରଯୁକ୍ତି, ପ୍ରତିଷେଧକ ଟିକାର ବିକାଶ ଏବଂ ମୋବାଇଲ ଉତ୍ପାଦନ କ୍ଷେତ୍ରରେ ବୈଶ୍ୱିକ ନେତାଭାବରେ ମୁଣ୍ଡ ଟେକିଛି । ଏହାଫଳରେ ଆଗାମୀ ଦିନରେ ଆଗକୁ ପ୍ରଗତି କରିବାକୁ ଥିବା ପ୍ରଯୁକ୍ତି କ୍ଷେତ୍ରରେ ଦେଶ ନିଜପାଇଁ ଏକ ବୈଶ୍ୱିକ ମାନ୍ୟତା ହାସଲ କରିପାରିଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ଯାହା ବାସ୍ତବପକ୍ଷେ ସମସାମୟିକ ନେତୃବର୍ଗଙ୍କଠାରୁ ଭିନ୍ନ ବୋଲି ଉପସ୍ଥାପନ କରେ, ତାହା ହେଉଛି ପ୍ରଗତି ଓ ପରମ୍ପରା ଉପରେ ତାଙ୍କ ମନରେ ଥିବା ଅତୁଟ ବିଶ୍ୱାସ । ପ୍ରଗତି ଏବଂ ପରମ୍ପରା ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ନୁହନ୍ତି, ବରଂ ପରିପୂରକ ଶକ୍ତି ବୋଲି ସେ ସଦାବେଳେ ବିଶ୍ୱାସୀ । 'ବିକାଶ ଭି, ବିରାସତ ଭି' ଭଳି ଦୂରଦର୍ଶୀ ଚିନ୍ତାଧାରା ମାଧ୍ୟମରେ ସେ ପ୍ରଦର୍ଶିତ କରିପାରିଛନ୍ତି, ଏକ ରାଷ୍ଟ୍ର ଆଧୁନିକତା ପଥରେ ଦ୍ରୁତବେଗରେ ଧାବମାନ ହେବା ସହିତ ନିଜର ସଭ୍ୟତାଗତ ଐତିହ୍ୟ ଓ ପରମ୍ପରା ପ୍ରତି ମଧ୍ୟ ଗଭୀର ଭାବେ ଅନୁରକ୍ତ ଓ ଶ୍ରଦ୍ଧାଶୀଳ ରହିପାରିବ । ଶ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ଭିତ୍ତିଭୂମି, ପ୍ରଯୁକ୍ତି, ଉତ୍ପାଦନ ଓ ସାମାଜିକ କଲ୍ୟାଣ କ୍ଷେତ୍ରରେ ପଟ୍ଟପରିବର୍ତ୍ତନକାରୀ ବିକାଶକୁ ଲକ୍ଷ୍ୟ କରିଛି । ଯଦ୍ୟପି ସେ ଏକାଧାରରେ ଭାରତର ପ୍ରାଚୀନ ସଂସ୍କୃତି, ଭାଷା, ଆଧ୍ୟାତ୍ମିକ ପରମ୍ପରା ଓ ଐତିହାସିକ ବୈଭବ ପ୍ରତି ନିଜ ମନରେ ଶ୍ରଦ୍ଧା ରଖିବା ସହ ଏଥିପାଇଁ ଗୌରବ ଅନୁଭବ କରନ୍ତି, ଅପରପକ୍ଷେ ଆଧୁନିକ ପ୍ରଗତିକୁ ମଧ୍ୟ ସମମାତ୍ରାରେ ଆଦର କରିଥାନ୍ତି । ଏହା କୌଣସି ଏକ ପବିତ୍ରସ୍ଥଳୀର ପୁନରୁଦ୍ଧାର ହେଉ ବା ସାଂସ୍କୃତିକ ସଂକେତର ପୁନରୁତ୍ଥାନ ଅବା ଶାସ୍ତ୍ରୀୟ ଭାଷାର ଉତ୍ସବ ବା ଅମୂଲ୍ୟ କଳା ସମ୍ପଦର ସଂରକ୍ଷଣ- ତାଙ୍କ ଶାସନ ଆଧୁନିକ ଆକାଂକ୍ଷା ଏବଂ ସମୟାତୀତ ମୂଲ୍ୟବୋଧ ମଧ୍ୟରେ ଥିବା ବିରଳ ସମନ୍ୱୟକୁ ପ୍ରତିଫଳିତ କରିଥାଏ । ପ୍ରଧାନମନ୍ତ୍ରୀ ମୋଦି ରାଷ୍ଟ୍ର ନିର୍ମାଣର ପୁନଃସଂଜ୍ଞା ନିରୂପଣ କରିଛନ୍ତି । ଦେଶର ବାସ୍ତବ ବିକାଶ କହିଲେ ଏହା କେବଳ ଆର୍ଥିକ ଅଭିବୃଦ୍ଧି ଦ୍ୱାରା ମପାଯାଇନଥାଏ, ବରଂ ସେହି ରାଷ୍ଟ୍ର ନିଜର ଐତିହ୍ୟକୁ ଭବିଷ୍ୟତ ପିଢ଼ିମାନଙ୍କ ନିମନ୍ତେ କେତେମାତ୍ରାରେ ସଂରକ୍ଷିତ ରଖେ, ଏହାକୁ ନେଇ କେତେ ଗର୍ବ ଅନୁଭବ କରେ ଏବଂ ଏହାର ପ୍ରଚାର ପ୍ରସାର କରେ ତାହା ମଧ୍ୟ ସମାନ ଭାବେ ଜରୁରି । ଏହି ଦର୍ଶନର କଲ୍ୟାଣକର କାର୍ଯ୍ୟକ୍ରମର ସବୁଠାରୁ ବଡ଼ ହିତାଧିକାରୀମାନଙ୍କ ମଧ୍ୟରେ ତାମିଲନାଡୁ ଏବଂ ବୈଶ୍ୱିକ ତାମିଲ ସମୁଦାୟ ରହିଛନ୍ତି । ତାମିଲନାଡୁର ଉନ୍ନତ ଭାଷାଗତ, ସାଂସ୍କୃତିକ ଏବଂ ଐତିହ୍ୟକୁ ଅଭୂତପୂର୍ବ ସ୍ୱୀକୃତି, ଉତ୍ସବ ଏବଂ ସମର୍ଥନ ମିଳିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏହା ସମ୍ଭବପର ହୋଇପାରିଛି । ତାମିଲନାଡୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ପରିବର୍ତ୍ତନକାରୀ କାର୍ଯ୍ୟକ୍ରମଗୁଡ଼ିକରୁ ପର୍ଯ୍ୟାପ୍ତ ସୁଫଳ ପାଇଛି । ସେଥିମଧ୍ୟରେ ଚେନ୍ନାଇ ମେଟ୍ରୋ ରେଳ ପ୍ରକଳ୍ପର ସମ୍ପ୍ରସାରଣ, ଚେନ୍ନାଇ-ବେଙ୍ଗାଲୁରୁ ଏକ୍ସପ୍ରେସ୍ ୱେ, ତାମିଲନାଡୁ ପ୍ରତିରକ୍ଷା ଶିଳ୍ପ କରିଡର, ବନ୍ଦର ଏବଂ ବିମାନବନ୍ଦରଗୁଡ଼ିକର ଆଧୁନିକୀକରଣ, ରାଷ୍ଟ୍ରୀୟ ରାଜମାର୍ଗଗୁଡ଼ିକର ସମ୍ପ୍ରସାରଣ, ରେଳଷ୍ଟେସନଗୁଡ଼ିକର ପୁନଃବିକାଶ ଏବଂ ନୂତନ ପାମ୍ବନ ରେଳ ସେତୁର ପୁନର୍ବିକାଶ ଭଳି ଯୋଜନା ରହିଛି । ନୂତନ ପାମ୍ବନ ରେଳସେତୁର ଉନ୍ମୋଚନ ହେବାପରେ ଏହା ଭାରତର ପ୍ରଥମ ଉର୍ଦ୍ଧ୍ୱଲମ୍ବୀ ଉଠାସାଗର ସେତୁଭାବରେ ସୁପରିଚିତ ହୋଇଛି । ଏହା ଏକ ଉଲ୍ଲେଖନୀୟ ସଫଳତା । ଯାହା ରାମେଶ୍ୱରମ୍‌କୁ ସଂଯୋଗ କରୁଛି । ଭାରତର ଇଞ୍ଜିନିୟରିଂ ଉତ୍କର୍ଷର ଏହା ଅନ୍ୟତମ ନମୁନା । ଅତୀତର ଅନ୍ୟ କୌଣସି ପ୍ରଧାନମନ୍ତ୍ରୀ ତାମିଲ ଭାଷା, ସଂସ୍କୃତି ଓ ଐତିହ୍ୟର ପ୍ରଗତି ନିମନ୍ତେ ଏତେମାତ୍ରାରେ ଶ୍ରଦ୍ଧାଶୀଳ ନଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ମନରେ ଏଥିପ୍ରତି ଥିବା ନିରବଚ୍ଛିନ୍ନ ଶ୍ରଦ୍ଧା ଦୃଶ୍ୟମାନ ଆଗ୍ରହ ଏବଂ ବୈଶ୍ୱିକ ସ୍ତରରେ ଏହାକୁ ପହଂଚାଇବା ଲାଗି ପଦକ୍ଷେପ ଗ୍ରହଣ ତାମିଲ ସଭ୍ୟତାକୁ ରାଷ୍ଟ୍ରୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ଏକ ନୂତନ ସ୍ୱୀକୃତି ପ୍ରଦାନ କରିଛି । ତାମିଲ ଐତିହ୍ୟ ଏବଂ ସାହିତ୍ୟର ଭବ୍ୟତାକୁ ପ୍ରଧାନମନ୍ତ୍ରୀ ସଦାସର୍ବଦା ପ୍ରଶଂସା କରିଆସିଛନ୍ତି । ଉଭୟ ଭାରତ ଏବଂ ଭାରତ ବାହାରେ ସେ ଏହାର ଉଦାହରଣମାନ ଦେଇଥାନ୍ତି । ଏହାଫଳରେ ତାମିଲ ଭାଷା ଓ ସଂସ୍କୃତି ପ୍ରତି ସାରାବିଶ୍ୱରେ ଆଗ୍ରହ ସୃଷ୍ଟି ହୋଇଛି । ମହାନ ତାମିଲ ସନ୍ଥ କନିୟାନ ପୁଙ୍ଗୁନରନାରଙ୍କ କାଳଜୟୀ ପଙ୍‌କ୍ତି- ୟାଥୁମ୍‌ଉରେ, ୟଭରୁମ୍ କେଲିର ମିଳିତ ଜାତିସଂଘ ମଂଚରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଚ୍ଚାରିତ ହେବା ତାମିଲ ସଭ୍ୟତା ଏବଂ ଭାରତ ପାଇଁ ଏକ ବିରଳ ଗୌରବର ମୁହୂର୍ତ୍ତ ଥିଲା । ବୈଶ୍ୱିକ ମଂଚରେ ଏଭଳି ପ୍ରଭାବୀ ବାର୍ତ୍ତାକୁ ଉପସ୍ଥାପନ କରି ପ୍ରଧାନମନ୍ତ୍ରୀ ବିଶ୍ୱବାସୀଙ୍କୁ ଦର୍ଶାଇଥିଲେ ଯେ ସମୟାତୀତ ମାନବୀୟ ମୂଲ୍ୟବୋଧ ତାମିଲ ସଂସ୍କୃତି ଏବଂ ଏହାର ଉନ୍ନତ ସାଭ୍ୟିତିକ ଐତିହ୍ୟରେ ଭରିରହିଛି । ମାନବ ସମାଜ ତାମିଲ ଭାଷାର ଏକ ଆଦର୍ଶ ଭାବନା 'ମାନବ ସମାଜ ଏକ', କାର୍ଲ ମାର୍କ୍ସଙ୍କ ଆବିର୍ଭାବର ଶହ ଶହ ବର୍ଷ ପୂର୍ବରୁ ସମସ୍ତଙ୍କୁ ଉଦ୍ବୁଦ୍ଧ କରିଥିଲା ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525,**Email: utkalsamachar@gmail.com / utkalsamachar@rediffmail.com** (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) **Phone:** 0661-2646999 **Editor : Prakash Kumar Dhal**

CITY OFFICE: B/204, SECTOR-16, ROURKELA, Pin :769003

ଜିଲ୍ଲା ପ୍ରଶାସନ ପକ୍ଷରୁ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ସମ୍ବଲପୁର,୨୨/୬(ନି/ପ୍ର):ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ସମ୍ବଲପୁର ଜିଲ୍ଲା ପ୍ରଶାସନ ଏବଂ ଯୋଗ ମହୋତ୍ସବ ସମିତିର ମିଳିତ ଆନୁକୂଲ୍ୟରେ ସମ୍ବଲପୁରର ରିଙ୍ଗ୍ ରୋଡ୍ ସ୍ଥିତ ମହାନଦୀ ଆଳତୀ ଘାଟଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜନସାଧାରଣ, ଯୋଗପ୍ରେମୀ ଏବଂ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ । ଏହି ଗରିମାମୟ ପରିବେଶରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଆଇଜି, ଉତରାଂଚଳ ହିମାଂଶୁ କୁମାର ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ନାଉରୀ ନାୟକ ଏବଂ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ଶ୍ରୀ ଜୟନାରାୟଣ ମିଶ୍ର ଜନସାଧାରଣଙ୍କୁ ଆନ୍ତର୍ଜାତୀୟ ଯୋଗ ଦିବସର ଅନେକ ଅନେକ ଅଭିନନ୍ଦନ ଜଣାଇବା ସହ ବିଶ୍ୱ ଦରବାରରେ ଭାରତର ସଂସ୍କୃତି ଓ ଅବଦାନ ବିଷୟରେ ଆଲୋକପାତ କରିଥିଲେ ।

ବିଶ୍ୱ ଯୋଗ, ସଙ୍ଗୀତ ଓ ପିତୃ ଦିବସ ଏବଂ କବି ଭାବଗ୍ରାହୀଙ୍କ ଜୟନ୍ତୀ
କବି ଭାବଗ୍ରାହୀ ରଚିତ ଯାଦୁକରୀ ସଙ୍ଗୀତରେ ସଭିଏଁ ବିଭୋର

କେନ୍ଦ୍ରାପଡ଼ା, ୨୨/୬(ନି/ପ୍ର): ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ା ତଥା ଓଡ଼ିଶାର ଅନ୍ୟତମ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ବାରୁଅ ସ୍ଥିତ ଭାବଗ୍ରାହୀ କଳା ନିକେତନ ଏବଂ ରେଡିଓ ଭାବଗ୍ରାହୀର ମିଳିତ ଆନୁକୂଲ୍ୟରେ ଚିର ସବୁଜ ଅକ୍ଷୟ ମହାନ୍ତି କକ୍ଷରେ ବିଶ୍ୱ ଯୋଗ ଓ ସଙ୍ଗୀତ ଦିବସ ସମେତ ଲୋକକବି ଭାବଗ୍ରାହୀ ପରିଡ଼ାଙ୍କ ପୁଣ୍ୟ ୧୦୨ତମ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । କଳା ନିକେତନ ଓ ରେଡିଓ ଭାବଗ୍ରାହୀର ପ୍ରତିଷ୍ଠାତା ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥ ମୁଖ୍ୟ ଅତିଥି, ଫୋରଡ ବାୟା ଆଶ୍ରମର ମହନ୍ତ ହୃଷୀକେଶ ଦାସ ମହାରାଜ ମୁଖ୍ୟବକ୍ତା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରତ୍ନାକର ବରାଳ ଏବଂ ସତୀର୍ଥର ସଭାପତି କବି ଅମର ପ୍ରସାଦ ରାଉତ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିଶ୍ୱ ଯୋଗ ଏବଂ ସଙ୍ଗୀତ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବିଷଦ ଭାବରେ ଆଲୋଚନା କରିବା ସହିତ ଲୋକକବି ଭାବଗ୍ରାହୀ ପରିଡ଼ାଙ୍କ କାଳଜୟୀ ସୃଷ୍ଟି ସମ୍ଭାର ବିଷୟରେ ଆଲୋଚନା କରି କବିଙ୍କୁ ଭକ୍ତିପୂତ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ବିଶିଷ୍ଟ ଗାୟିକା ନିରୁପମା ଜେନା ଏବଂ ସାଥି କଳାକାରମାନେ ବିମଳ ପରିଡ଼ାଙ୍କ ରଚିତ ଓ ନିର୍ଦ୍ଦେଶିତ ଆବାହନୀ ଏବଂ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ । ଏହି ଅବସରରେ ଭାବ ସମ୍ରାଟ କବି ଭାବଗ୍ରାହୀ ପରିଡ଼ା, କବି ପତ୍ନୀ ସରୋଜିନୀ ପରିଡ଼ା, ଚିର ସବୁଜ ଅକ୍ଷୟ ମହାନ୍ତି ଏବଂ ଭଜନ ସମ୍ରାଟ ଭିକାରୀ ବଳଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ । ପଣ୍ଡିତ ରଥ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟିତ କରି କବି ଭାବଗ୍ରାହୀଙ୍କୁ ଏକାଧାରରେ ଜଣେ ଯଶସ୍ୱୀ କବି, ସୁଲେଖକ, ସାହିତ୍ୟିକ, ନାଟ୍ୟକାର, ଆଦର୍ଶ ଶିକ୍ଷକ, ଚିତ୍ରକର, ଅଭିନେତା ଏବଂ ଜଣେ ସରଳ ମିଷ୍ଟଭାଷୀ ଆଧ୍ୟାତ୍ମିକ ତଥା ଗାନ୍ଧୀବାଦୀ ମଣିଷ ଭାବରେ ଅଭିହିତ କରିଥିଲେ । ମୁଖ୍ୟବକ୍ତା ହୃଷୀକେଶ ଦାସ ମଣିଷ ଜୀବନରେ ଯୋଗ ଓ ସଙ୍ଗୀତର ପ୍ରଭାବ ଏବଂ ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ । ସକାଳେ ନୃତ୍ୟଗୁରୁ ତପନ ତରାଇଙ୍କ ନୃତ୍ୟ ଛାତ୍ରଛାତ୍ରୀମାନେ ଯୋଗାଭ୍ୟାସ କରିଥିଲେ । ଏହି ଅବସରରେ ସଙ୍ଗୀତ ଗୁରୁ ପ୍ରମୋଦ କୁମାର ଦାସ ଏବଂ ବିଶିଷ୍ଟ ଗାୟିକା ନିରୁପମା ଜେନାଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରେଡିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡ଼ା, କବି ଅଶୋକ ସାହୁ, ଅଣୀ ବିଷ୍ଣୁପ୍ରିୟା ସାମଲ, ବିକ୍ରମ କେଶରୀ ସାମଲ, ଶିକ୍ଷାବିତ ଅଜୟ ସ୍ୱାଇଁ, ମହ୍ଲାର ଅର୍କେଷ୍ଟ୍ରାର ରଞ୍ଜନ ବରାଳ, ଆର୍ଡିସିଓ୍ୱାଇଓର ଚିତରଞ୍ଜନ ପ୍ରଧାନ, ବାଣୀ ବିନୋଦ ସାହିତ୍ୟ ସେବା ନିକେତନର ବିକ୍ରମ କେଶରୀ ପରିଡ଼ା, ଗୌରବ ଦାସ, ସନ୍ତୋଷ ଦାସ, ଅଭିଲିପ୍ସା ସାହୁ, ସୃଷ୍ଟି ପ୍ରିୟଦର୍ଶିନୀ, ସ୍ମୃତିରେଖା ପରିଡ଼ା, ଶ୍ୱେତା ପ୍ରିୟଦର୍ଶିନୀ, ପ୍ରୀତିପ୍ରଜ୍ଞା ବିଶ୍ୱାଳ, ପ୍ରତୀକ୍ଷା ନାୟକ, ତେଜସ୍ୱିନୀ ଦାଶ, ନାରାୟଣ ମଲିକ, ରଶ୍ମୀତା ବେହେରା, ଶ୍ରାବଣୀ ନାଥ, ରେଖାଞ୍ଜଳି ଜେନା, ଯାଜ୍ଞସେନୀ ପ୍ରଧାନ, ଦେବସ୍ମିତା ବେହେରା, ବଂଶୀଧର ମହାନ୍ତି, ହାକିମ ବକ୍ସ, ସୁଧାଂଶୁ ଜେନା, ସଙ୍ଗୀତା ନାୟକ, କୈଳାସ ବେହେରା, ଶୁଭ୍ରାଂଶୁ ଆଚାର୍ଯ୍ୟ, ସ୍ମୃତିରଞ୍ଜନ ବିଶ୍ୱାଳ, ସୁରେନ୍ଦ୍ର ରାଉତ୍, ଭାଗବତ ଷଡ଼ଙ୍ଗୀ, ସାହିଲ, ଆଶିଷ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଂଚାଳନରେ ସହଯୋଗ କରିବା ସହିତ ଲୋକକବିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ନିରୁପମା ଜେନା କବି ଭାବଗ୍ରାହୀ ଏବଂ ବିମଳ ପରିଡ଼ାଙ୍କ ରଚନାରୁ ଭଜନ ଏବଂ ଦେଶାତ୍ମବୋଧକ ସଙ୍ଗୀତ ଗାଇବା ପରେ ବିମଳ ପରିଡ଼ା ଅକ୍ଷୟ ମହାନ୍ତିଙ୍କ ଲୋକପ୍ରିୟ ଭଜନ ଗାଇଥିଲେ । ଆରମ୍ଭରେ ଗୀତିକାର ବିମଳ ପରିଡ଼ା ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ନାଟ୍ୟକାର ଭୀମସେନ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସେବା : ଦହି ସର୍ବତ ବଂଟନ ଓ ପ୍ରାଥମିକ ସେବା ପ୍ରଦାନ

ସମ୍ବଲପୁର,୨୨/୬(ନି/ପ୍ର): ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଅବସରରେ ଦେବ ଦମ୍ପତି ଙ୍କ ନଗର ପରିକ୍ରମା ସମୟରେ ସମ୍ବଲପୁର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ସ୍ଥାନୀୟ ନୃସିଂହ ଗୁରୁ ସରକାରୀ ଟାଉନ୍ ହାଇସ୍କୁଲ ସମ୍ମୁଖରେ ଦହି ସର୍ବତ ବଂଟନ କରାଯିବା ସହିତ ପ୍ରାଥମିକ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଥିଲା । ସହରର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ସ୍କାଉଟ, ଗାଇଡ ଓ ଜେ. ଆର,ସି ଛାତ୍ରଛାତ୍ରୀ ତଥା ସ୍କାଉଟ ମାଷ୍ଟର, ଗାଇଡ୍ କ୍ୟାପ୍‌ଟେନ୍ ଏବଂ ଜେ ଆର୍ ସି କାଉନ୍‌ସେଲର୍‌ଙ୍କ ଗହଣରେ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ପ୍ରଥମେ ଦହି ସର୍ବତ ପ୍ରଦାନ ସେବା ଆରମ୍ଭ କରିଥିଲେ । ସକାଳ ୮ ଘ. ରୁ ପରିକ୍ରମା ଶେଷ ପର୍ଯ୍ୟନ୍ତ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଏହି ସେବା ଯୋଗାଇ ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ପଟେଲ, ସ୍କାଉଟ ଟ୍ରେନିଂ କମିଶନର ସତ୍ୟ ନାରାୟଣ ସାହୁ, ଗାଇଡ୍ ଟ୍ରେନିଂ କମିଶନର ସରସ୍ୱତୀ ସେଠୀ, ଅରଗାନାଇଜିଙ୍ଗ କମିଶନର ପୁଷ୍ପବତୀ ମେହେର, ସ୍କାଉଟ ମାଷ୍ଟର ତ୍ରିବିକ୍ରମ ରଣା, ପି. ସୁଧାଂଶୁ, ରମେଶ କୁମାର ବେରିହା, ଜେଆରସି ଅଧିକାରୀ ବିଶ୍ୱାମିତ୍ର ଦୀପ୍, କାଉଂସେଲର୍ ଆନନ୍ଦ ଡନ୍‌ସେନା, ପ୍ରତାପ ସେନାପତି, ଭୀମସେନ ବାରିକ, ବିକାଶ ସାହୁ, ଶିକ୍ଷୟିତ୍ରୀ ଅଞ୍ଜଳି ନାୟକ, ମୀନାରାଣୀ ମଲ୍ଲିକ ପ୍ରମୁଖ ପ୍ରତ୍ୟକ୍ଷ ଭାବରେ ଜଡ଼ିତ ରହି ସଫଳତାର ସହ ସମ୍ପାଦନ କରିଥିଲେ ।

ମଣ୍ଡିରୁ ଶିଘ୍ର ଧାନ ଉଠାଇବା ଦାବିରେ ଯୋଗାଣ ଅଧିକାରିଙ୍କ ଦ୍ୱାରସ୍ଥ ହେଲେ ଚାଷୀ

ଜୟପୁର,୨୨/୬(ନି/ପ୍ର): କୃଷକ କଲ୍ୟାଣ ମଂଚ କୋଟପାଡ ଘୁମରର ଚାଷି ଆଜି ଜୟପୁର ସ୍ଥିତ ଜିଲା ଯୋଗାଣ ଅଧିକାରିଙ୍କ ଦ୍ୱାରସ୍ଥ ହୋଲେ ଚାଷି । ଜିଲାପାଳଙ୍କ ଉଦ୍ଦେଷ୍ୟରେ ଜିଲା ମୁଖ୍ୟ ଯୋଗାଣ ଅଧିକାରି ମାନସ ରଞ୍ଜନ ମହାପାତ୍ର ଙ୍କୁ ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଘୁମର ପିସିସି ପାଇଁ ଅପର୍ଯ୍ୟାପ୍ତ ଟାର୍ଗେଟ ଦିଆଯାଉ, ମିଲରଙ୍କ ଅସହଯୋଗ ଯୋଗୁଁ ଚାଷି ହଇରାଣ ହେଉଛନ୍ତି । ରାଇସ ମିଲରେ ପର୍ଯ୍ୟାପ୍ତ କ୍ଷମତା ଥିବା ସତ୍ତ୍ୱେ ନିୟମିତ ଭାବରେ ଗାଡି ପଠାଉ ନାହାଁନ୍ତି । କେବଳ ୫୦ ପ୍ରତିଶତ ଧାନ ଉଠାଇ ବାକି ୫୦ ପ୍ରତିଶତ ଧାନକୁ ମଣ୍ଡିରେ ଛାଡି ଦେଉଛନ୍ତି । ଫଳରେ ୭.୫୩୭.୪୪ କ୍ୱିଂଟାଲ ଧାନ ମଣ୍ଡିରେ ପଡି ରହିଛି , ବର୍ଷା ପବନରେ ଧାନ ନଷ୍ଟ ହେବା ଆଶଙ୍କା ରହିଛି । ଏହି ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ଚାଷୀ ମାନେ ବାରମ୍ବାର ମଣ୍ଡିକୁ ଆସିବାକୁ ବାଧ ହେଉଛନ୍ତି । ଚାଷିଙ୍କ ସମୟ, ଅର୍ଥ, ଶ୍ରମର କ୍ଷତି ଘଟୁଛି । ଦାନ ବିକ୍ରୟ ନହେବା ଯୋଗୁଁ ଆର୍ଥିକ ଓ ମାନସିକ ଚାପରେ ରହୁଛନ୍ତି ଚାଷି । ଘଟଣାର ଉଚ୍ଚ ସ୍ତିରୟ ତଦନ୍ତ କରାଯାଉ, ରାଇସ ମିଲକୁ ତୁରନ୍ତ ଶେହ ପ୍ରତିଶତ ବଳାକ ଧାନ ଉଠାଇବାକୁ ନିଦ୍ଦେଷ ଦିଆଯାଉ, ଏହି ଘଟଣାର ଉଚ୍ଚ ସ୍ତରି ତଦନ୍ତ କରାଯାଉ ଦାବି ରହିଛି । ଚାଷି ମାନେ ଆଦି ଘୁମର ପିସିସି ପାଇଁ ଅତିରିକ୍ତ ୫, ୫୫୨ ୬୬ କୁଇଂଟାଲ ଟାର୍ଗେଟ ତୁରନ୍ତ ମଞ୍ଜୁର କରାଯାଉ, ଦିଆ ଯାଇଥିବା ୨ଟି ରାଇସମ ମିଲକୁ ଅବିଳମ୍ବେ ଶହେ ପ୍ରତିଶତ ବଳାକ ଧାନ ଉଠାଇବୁ ନିଦ୍ଦେଷ ଦିଆଯାଉ, ମିଲରଙ୍କ ଅନିୟମିତତା ଓ ଚାଷୀ ହଇରାଣ ଘଟଣାର ତଦନ୍ତ କରାଯାଇ ଦୋଷାଙ୍କ ବୁରୁଦ୍ଧରେ ଦୃଢ ପ୍ରଶାସନିକ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ୟୁରିଆ ସାରର ପର୍ଯ୍ୟାପ୍ତ ଯୋଗାଣ ସୁନିର୍ଶ୍ଚିତ କରାଯାଇ ଦୈନିକ ବଂଟନ କୋଟାକୁ ୭୦ ପ୍ୟାକେଟରୁ ବୃଦ୍ଧି କରି ଅତିକମରେ ୨ ଶହ ପ୍ୟାକେଟ କରାଯାଉ, ଚାଷୀଙ୍କ ସ୍ୱାର୍ଥ ସୁରକ୍ଷା

ଜିଲ୍ଲାସ୍ତରୀୟ ପିଏମ୍-କିସାନ ଉତ୍ସବ ୨୦୨୬

ଝାରସୁଗୁଡ଼ା,୨୨/୬(ନି/ପ୍ର): ଜିଲ୍ଲାସ୍ତରୀୟ ପିଏମ୍-କିସାନ ଉତ୍ସବ-୨୦୨୬ ଅବସରରେ ଆଜି ଆଭାସୀ ମାଧ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର କୋଟି କୋଟି ଚାଷୀଙ୍କ ପାଇଁ ପିଏମ୍-କିସାନ ଯୋଜନାର ପରବର୍ତ୍ତୀ କିସ୍ତି ରାଶି ହସ୍ତାନ୍ତର କରିଛନ୍ତି । ଏହି ଅବସରରେ ଓଡ଼ିଶାର ୩୪.୬ ଲକ୍ଷରୁ ଅଧିକ ଚାଷୀ ଭାଇ ଓ ଭଉଣୀମାନଙ୍କ ଖାତାକୁ ୨୩ତମ କିସ୍ତି ବାବଦରେ ମୋଟ ୬୯୩ କୋଟି ଟଙ୍କା ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ପ୍ରଦାନ କରାଯାଇଛି । ଏହି ସହାୟତା ରାଶି ଚାଷୀମାନଙ୍କ କୃଷି କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ସହିତ ସେମାନଙ୍କ ଆର୍ଥିକ ସଶକ୍ତିକରଣରେ ବିଶେଷ ସହାୟକ ହେବ । ପିଏମ୍-କିସାନ ଯୋଜନା ଅଧୀନରେ ଯୋଗ୍ୟ ଚାଷୀମାନଙ୍କୁ ବର୍ଷକୁ ୬,୦୦୦ ଟଙ୍କା ତିନୋଟି ସମାନ କିସ୍ତିରେ ପ୍ରଦାନ କରାଯାଉଛି । ଏହାଦ୍ୱାରା ଚାଷୀମାନେ କୃଷି ଉପକରଣ କ୍ରୟ, ବିହନ, ସାର ଏବଂ ଅନ୍ୟାନ୍ୟ କୃଷି କାର୍ଯ୍ୟ ପାଇଁ ଆବଶ୍ୟକ ଆର୍ଥିକ ସହାୟତା ପାଉଛନ୍ତି । ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲ୍ଲା, ବ୍ଲକ୍ ଓ ପଂଚାୟତ ସ୍ତରରେ ପ୍ରଧାନମନ୍ତ୍ରୀଙ୍କ ଏହି କାର ?୍ୟକ୍ରମର ସିଧା ପ୍ରସାରଣ ଦେଖିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ଜିଲ୍ଲାର ଚାଷୀମାନେ ଅତ୍ୟନ୍ତ ଉତ୍ସାହର ସହିତ ଏଥିରେ ଅଂଶଗ୍ରହଣ କରି ପ୍ରଧାନମନ୍ତ୍ରୀଙ୍କ ଉଦବୋଧନ ଶୁଣିଥିଲେ । ଝାରସୁଗୁଡ଼ା ଜିଲ୍ଲା ସ୍ତରୀୟ ପିଏମ୍ କିସାନ ଉତ୍ସବ ଦିବସରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଯୋଗ ଦେଇଥିଲେ । ସେହିପରି ସମ୍ମାନୀତ ଅତିଥି ଭାବେ ମାନ୍ୟବର ମନ୍ତ୍ରୀଙ୍କ ପ୍ରତିନିଧି ରଘୁନନ୍ଦନ ପଣ୍ଡା, ମାନ୍ୟବର ସାଂସଦଙ୍କ ପ୍ରତିନିଧି ଶ୍ଲୋକ ଶର୍ମା ଏବଂ ଝାରସୁଗୁଡ଼ା ସାଧାରଣ ସମ୍ପାଦକ ପ୍ରେମସେନ ରାଏ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ଼. ସୁସ୍ମିତା ପଣ୍ଡା କାର୍ଯ୍ୟକ୍ରମକୁ ସଫଳତାର ସହ ସଂଯୋଜନା କରିଥିବା ବେଳେ ଶେଷରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼. ସମୀର ରଞ୍ଜନ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ ଯେ, ଏହି ୨୩ତମ କିସ୍ତି ବାବଦରେ ଝାରସୁଗୁଡ଼ା ଜିଲ୍ଲାର ସର୍ବମୋଟ ୩୪,୦୮୬ ଜଣ ଚାଷୀ ଉପକୃତ ହୋଇଛନ୍ତି ଏବଂ ସେମାନଙ୍କ ବ୍ୟାଙ୍କ ଖାତାକୁ ସର୍ବମୋଟ ୬ କୋଟି ୮୧ ଲକ୍ଷ ୭୨ ହଜାର ଟଙ୍କା ପ୍ରଦାନ କରାଯାଇଛି । ବ୍ଲକଓ୍ୱାରୀ ସୂଚନା ଅନୁଯାୟୀ, ଝାରସୁଗୁଡ଼ା ବ୍ଲକର ୪,୬୩୫ ଜଣ, କିର୍ମିରା ବ୍ଲକର ୫,୫୩୯ ଜଣ, କୋଲାବିରା ବ୍ଲକର ୫,୮୫୬ ଜଣ, ଲାଇକେରା ବ୍ଲକର ୬,୯୫୯ ଜଣ ଏବଂ ଲଖନପୁର ବ୍ଲକର ୧୧,୦୯୭ ଜଣ ଚାଷୀ ଏହି ଯୋଜନାରେ ଲାଭବାନ ହୋଇଛନ୍ତି । ଏହିପରି ସର୍ବମୋଟ ୬କୋଟି ୮୧ ଲକ୍ଷ ୭୨ ହଜାର ହିତାଧିକାରୀଙ୍କ ବ୍ୟାଙ୍କ ଖାତା କୁ ଆସିଛି କ୍ଷ ଏହି ଅବସରରେ ବିଭିନ୍ନ ବ୍ଲକ ଓ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଅଂଚଳରୁ ଆସିଥିବା ଶତାଧିକ ଚାଷୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

ସମାଜସେବୀଙ୍କ ଉପରେ ହମଲା ଘଟଣାରେ ପୋଲିସର ବଡ଼ କାର୍ଯ୍ୟାନୁଷ୍ଠାନ, ୬ ଗିରଫ

ଝାରସୁଗୁଡ଼ା,୨୨/୬(ନି/ପ୍ର): ଝାରସୁଗୁଡା ଜିଲ୍ଲାର ମରାକୁଟା ପଂଚାୟତର ସମାଜସେବୀ ତଥା ପୂର୍ବତନ ସରପଂଚଙ୍କ ସ୍ୱାମୀ ବିରଂଚି ମେହେରଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ୬ ଜଣଙ୍କୁ ଗିରଫ କରିଛି । ଶନିବାର ସକାଳେ ସଦର ଥାନା ପୋଲିସ କବରସ୍ଥାନ ପଡ଼ାରେ ଚଢ଼ାଉ କରି ଏହି ଅଭିଯୁକ୍ତମାନଙ୍କୁ ଧରିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନରେ ବିଜୁ ଏକ୍ସପ୍ରେସ-ଓ୍ୱେର ସାରସମାଲ ନିକଟରେ ବିରଂଚି ମେହେରଙ୍କୁ ୫ରୁ ୭ ଜଣ ମୁହଁପୋଛା ଦୁର୍ବୃତ ଅତର୍କିତ ଭାବେ ଆକ୍ରମଣ କରିଥିଲେ । ଆକ୍ରମଣକାରୀମାନେ ତାଙ୍କୁ ଗୁରୁତର ଭାବେ ଆହତ କରିବା ସହ ସ୍କୁଟି ଭାଙ୍ଗିଦେଇଥିଲେ ଏବଂ ପ୍ରାୟ ୩୦ ହଜାର ଟଙ୍କା ଲୁଟି ନେଇଥିଲେ । ଗୁରୁତର ଆହତ ମେହେରଙ୍କୁ ବୁର୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ମିଳିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏମ୍‌ଏସ୍ଵି ଧର୍ମଘଟ ପରେ ଟ୍ରାନ୍ସପୋର୍ଟରମାନଙ୍କ ବଚ୍ଚି ଆଦାୟ ସମ୍ପର୍କିତ ଅଭିଯୋଗର ପର୍ଦ୍ଦାଫାଶ କରିବା ପରଠାରୁ ବିରଂଚି ମେହେର ବିଭିନ୍ନ ସମୟରେ ଧମକ ପାଉଥିଲେ । ଘଟଣାକୁ ନେଇ ମରାକୁଟା ଅଂଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଶୁକ୍ରବାର ସନ୍ଧ୍ୟାରେ ଗ୍ରାମବାସୀମାନେ ସଦର ଥାନା ଘେରାଉ କରି ଦୋଷୀଙ୍କୁ ତୁରନ୍ତ ଗିରଫ ଦାବି କରିଥିଲେ । ପରେ ପୋଲିସ ତଦନ୍ତ ଜୋରଦାର କରି ୬ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବିଦ୍ୟାଧର ଗଣ୍ଡ, କରନ କାନ୍ତା, ବିଜୟ ସେନ୍ଦ୍ରିଆ, ମନୀଷ ସେନ୍ଦ୍ରିଆ, ମନୁ ସେନ୍ଦ୍ରିଆ ଓ ଭାବେଶ ଗଣ୍ଡ । ସଦର ଥାନାରେ ମାମଲା ନମ୍ବର ୨୯୮/୨୦୨୬ ରୁଜୁ ହୋଇଥିବାବେଳେ ବିଏନଏସର ବିଭିନ୍ନ ସଙ୍ଗୀନ ଧାରାରେ ଅଭିଯୋଗ ଆଣି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ଧନକଉଡ଼ା ବ୍ଲକ୍ କାର୍ଯ୍ୟାଳୟରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ

ସମ୍ବଲପୁର,୨୨/୬(ନି/ପ୍ର): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଓ୍ୱାର୍ଡ଼ ନମ୍ବର ୨୯ ରେ ଥିବା ଧନକଉଡ଼ା ବ୍ଲକ୍ କାର୍ଯ୍ୟାଳୟ ପରିସର ରେ ଆନ୍ତର୍ଜାତିକ ଯୋଗ ଦିବସ ଶାନ୍ତ ଓ ସହଯୋଗ ମଧ୍ୟରେ ପାଳିତ ହୋଇଯାଇଛି । ଆବାହକ ଅଧ୍ୟାପକ ବିଶ୍ୱପତି ବେହେରା, ପରିଚାଳନା କମିଟିର ସଭ୍ୟ କିଶୋର କୁମାର ସାହୁ, ଉମାକାନ୍ତ ସାହୁ ଓ ଧନଞ୍ଜୟ ଙ୍କ ସଂଯୋଜନା ଓ ସମନ୍ୱୟ ରେ ଅନୁଷ୍ଠିତ ସଚେତନତା ସଭା ଓ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡଃ ଅଶ୍ୱିନୀ କୁମାର ସୁପକାର, ସମ୍ମାନୀତ ଅତିଥି ଭାବରେ ଧନକଉଡ଼ା ବ୍ଲକ୍‌ର ଅତିରିକ୍ତ ବିଡିଓ ସୁଶାନ୍ତ କୁମାର ପଣ୍ଡା ଓ ଯୋଗ ଗୁରୁ ସୁକାନ୍ତ କୁମାର ମହାକୁଡ଼ ଯୋଗ ଦେଇ ଆମ ପ୍ରାଚୀନ ପରମ୍ପରା ତଥା ଉତମ ସୁଖ ଶାନ୍ତି ର ମାଧ୍ୟମ ଯୋଗର ମହତ୍ୱ ଇତିହାସ, ବୈଜ୍ଞାନିକ ଦୃଷ୍ଟିକୋଣ, ଆଧାତ୍ମିକ ଭୂମିକା, ଉପକାରିତା, ଶକ୍ତିର ଉତ୍ସ ଭାବରେ ବିଶେଷତ୍ୱ ଓ ଆଧୁନିକ ଚିକିତ୍ସା ର ବିକଳ୍ପ ସମ୍ପର୍କରେ ଆଲୋକପାତ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ଯୁଧିଷ୍ଠିର ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମାରୋହ ରେ ମୋଟ୍ ୧୫୦ ଜଣ ଭାଗ ନେଇ ଯୋଗ ର ବିଭିନ୍ନ ପ୍ରାଣାୟାମ, ଆସନ ଓ ମୁଦ୍ରା ଅଭ୍ୟାସ କରିଥିଲେ । ଏମାନଙ୍କ ମଧ୍ୟରେ ଛାତ୍ର ଛାତ୍ରୀ କର୍ମଚାରୀ ବରିଷ୍ଠ ନାଗରିକ ଓ ନିମନ୍ତ୍ରିତ ବ୍ୟକ୍ତି ମାନେ ସାମିଲ୍ ଥିଲେ ।

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୋଗ ଦିବସ

ସମ୍ବଲପୁର,୨୨/୬(ନି/ପ୍ର): ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶାଖା ଓ ଯୁବ ରେଡ଼କ୍ରସ୍ ୟୁନିଟ୍ ତଥା ବ୍ଲକ୍ ପ୍ରଶାସନର ମିଳିତ ଆନୁକୁଲ୍ୟ ରେ କଲେଜ ପ୍ରାଙ୍ଗଣ ରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନ ର ଅଧ୍ୟକ୍ଷ ସୁଧୀର କୁମାର ସାହୁ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଚେତନତା ସଭା ଓ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାକଟିଦେଉଳ ବ୍ଲକ ବିଡ଼ିଓ ଆକାଶ ରଞ୍ଜନ ସାହୁ ଓ ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ହେମାନନ୍ଦ ପ୍ରଧାନ ଯୋଗ ଦେଇ କହିଥିଲେ ଯେ ଯୋଗ କେବଳ ଏକ ଶାରୀରିକ ବ୍ୟାୟାମ ନୁହେଁ; ଏହା ଶରୀର, ମନ ଏବଂ ଆତ୍ମା ମଧ୍ୟରେ ସମନ୍ୱୟ ରକ୍ଷା କରିବାର ଏକ ପ୍ରାଚୀନ ମାଧ୍ୟମ ଓ ଏହାକୁ ନିୟମିତ ଅଭ୍ୟାସ କରିବା ଦ୍ୱାରା ଚାପ କମିଥାଏ ତଥା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇ ମାନସିକ ଶାନ୍ତି ମିଳିଥାଏ । ଯୁବ ରେଡ଼କ୍ରସ ୟୁନିଟ୍‌ର ପରାମର୍ଶଦାତା ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ ଓ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଡଃ ଆର୍ ପୁଷ୍ପାଞ୍ଜଳିଙ୍କ ପରିଚାଳନା ରେ ଆୟୋଜିତ ଏହି ସମାରୋହ ରେ ପ୍ରଶିକ୍ଷକ ଭାବରେ ସ୍ୱଦେଶ କୁମାର ପ୍ରଧାନ, ବ୍ଲକସ୍ତରୀୟ ସଂଯୋଜିକା ପିଙ୍କି ପ୍ରଧାନ ଏବଂ ଅନୁଷ୍ଠାନର ପୂର୍ବତନ ଛାତ୍ର ରାଜେଶ ନାୟକ ଯୋଗ ଦେଇ ଯୋଗର ବିଭିନ୍ନ ପ୍ରାଣାୟମ, ଆସନ, ମୁଦ୍ରା ଓ ପ୍ରକ୍ରିୟା ସମ୍ପର୍କ ରେ ଛାତ୍ର ଛାତ୍ରୀ ତଥା ଉପସ୍ଥିତ ଥିବା ସମସ୍ତଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯୋଗ ବିଷୟ ରେ ଏକ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା । ଅଧ୍ୟାପକ ଶେଷ ଦେବ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଏହି ସମାବେଶ ରେ ଅନୁଷ୍ଠାନ ର ଛାତ୍ର ଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ତଥା ନିମନ୍ତ୍ରିତ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

ବିଶ୍ୱ ସଂଗୀତ ଦିବସ ପାଳନ

ରାଉରକେଲା,୨୨/୬(ନି/ପ୍ର): ଗୋପବନ୍ଧୁ ପାଠାଗାର ଓ ସ୍ୱସ୍ତି ସାହିତ୍ୟ ସଂସଦ ର ମିଳିତ ଆନୁକୂଲ୍ୟରେ ବିଶ୍ୱ ସଂଗୀତ ଦିବସ ମହାସମାରୋହରେ ପାଠାଗାରର ସତ୍ୟବାଦୀ ପ୍ରକୋଷ୍ଠ ରେ ପାଳିତ ହୋଇଯାଇଛି । ସ୍ୱସ୍ତି ସାହିତ୍ୟ ସଂସଦର ସଭାପତି ମହେନ୍ଦ୍ର କୁମାର ପଟ୍ଟନାୟକ, ଉପସଭାପତି ଶଙ୍କର ପ୍ରସାଦ ତ୍ରିପାଠୀ ଓ ଶର୍ମିଷ୍ଠା କବିଶତପଥି ତଥା ପାଠାଗାର ର ବରିଷ୍ଠ ସଦସ୍ୟ ବିଶ୍ୱନାଥ ଜେନା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ। ଡ. ସୁଶାନ୍ତ ପାଣି ଆବାହନୀ ପ୍ରାର୍ଥନା କରି ଏକ ଭକ୍ତିପୂତ ପରିବେଶ ସୃଷ୍ଟି କରିବା ସହିତ ସଭାପତି ଶ୍ରୀ ପଟ୍ଟନାୟକ ସ୍ୱାଗତ ସମ୍ଭାଷଣ ପ୍ରଦାନକରିଥିଲେ ଏବଂ କହିଲେ 'ଭାରତୀୟ ସଂଗୀତ କେଉଁ ଆଦିମ କାଳରୁ ଜନ ମାନସକୁ ପ୍ରଭାବିତ କରିଆସିଛି। ସଂଗୀତ ବ୍ରହ୍ମନାଦ ଅଟେ। ଦେବୀ ସରସ୍ୱତୀଙ୍କ ବୀଣାର ଝଙ୍କାର ତଥା ବେଦର ମନ୍ତ୍ରୋଚ୍ଚାରଣରୁ ନିଃସୃତ ଭାରତୀୟ ସଂଗୀତ ଆଜି ବିଶ୍ୱ ଦରବାରରେ ଭାରତୀୟ ସଂସ୍କୃତିକୁ ପ୍ରତିଷ୍ଠିତ କରିପାରିଛି। ସଂଗୀତ କୌଣସି ଭାଷା, ଜାତି, ଭୂଖଣ୍ଡ ମଧ୍ୟରେ ବାନ୍ଧି ହେଇନଥାଏ। ତେଣୁ ସଂଗୀତ ସମଗ୍ର ମାନବଜାତି ମଧ୍ୟରେ ଏକତାରକ୍ଷା କରିବାର ଏକ ସୂତ୍ର ଅଟେ। ରାଉରକେଲା ର ବିଶିଷ୍ଟ କଣ୍ଠଶିଳ୍ପୀ ବି. ବୁଦ୍ଧପ୍ରସାଦ ରାଓ, ବୀଣା ରଥ, ଫକୀର ଚରଣ ପତି,ପୁଲିନ ରାଉତରାୟ, ପ୍ରଦୀପ ପଣ୍ଡା, ବି. ପୁଷ୍ପାଞ୍ଜଳି, ସତ୍ୟମ ପାଣିଙ୍କୁ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱ ସଂଗୀତ ଦିବସ ପାଳନ ଅବସରରେ ରାଜ୍ୟର ପରିଚିତ ଓ ବିଶିଷ୍ଟ କଣ୍ଠଶିଳ୍ପୀ ବି. ବୁଦ୍ଧପ୍ରସାଦ ରାଓ ତଥା ବିଶିଷ୍ଟ ତବଲା ବାଦକ ଗୌରାଙ୍ଗ ଗୋଛାୟତଙ୍କୁ ସ୍ୱସ୍ତି ସଂଗୀତ ସମ୍ମାନ ପ୍ରଦାନ କରାଯାଇଥିଲା। ସମ୍ପାଦକ ରାଜୀବ ପାଣି ବିଶ୍ୱ ସଂଗୀତ ଦିବସ ସମ୍ବନ୍ଧରେ ପ୍ରାକ କଥନ ରଖିଥିଲେ। ଡାକ୍ତର ସୁଶାନ୍ତ ପାଣିଙ୍କ ନିର୍ଦ୍ଦେଶନାରେ ସମସ୍ତ ସମ୍ମାନିତ କଣ୍ଠଶିଳ୍ପୀ ଯନ୍ତ୍ରବାଦ୍ୟ ସହ ଜଗନ୍ନାଥଙ୍କ ଭଜନ, ପଲ୍ଲୀଗୀତ, ଆଧୁନିକ ଗୀତ ଅତି ଆକର୍ଷଣୀୟ ଭାବେ ପରିବେଷଣ କରିଥିଲେ। ଯନ୍ତ୍ରବାଦ୍ୟରେ ବଂଶୀଧର ସାହୁ, ଗୌରାଙ୍ଗ ଗୋଛାୟତ, ନରେନ୍ଦ୍ରପାତ୍ର ଓ ବି .ରାଓ ସହଯୋଗ କରିଥିଲେ। ସଭାଗୃହରେ ଉପସ୍ଥିତ ଶତାଧିକ ଶ୍ରୋତା କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ। ପରିବେଷିତ ସଂଗୀତର ଗୀତିକାର ଡାକ୍ତର ଗୀତାଞ୍ଜଳି ପତ୍ରୀ, ରୀନା ସ୍ୱାଇଁ ଓ ରଜନୀକାନ୍ତ ମିଶ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋପବନ୍ଧୁ ପାଠାଗାରର ସଦସ୍ୟ ହରିହର ନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।ସଭାପରିଚାଳନା ରେ ନିରୁପମା ପତି, ରବିନ୍ଦନାଥ ସରାଫ, ଚିନ୍ମୟୀ ପୁରୋହିତ, ଗୌତମ ଦାସ ଓ ସୂର୍ଯ୍ୟମଣି ପଣ୍ଡା ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ. କୃପାସିନ୍ଧୁ ନାୟକ, ଭକ୍ଷରତଭୂଷଣ ମହାନ୍ତି, ସୁଦେଶ ନାୟକ, ବିବେକାନନ୍ଦ ଜେନା, ପରେଶ କୁମାର ବିଶ୍ୱାଳ,, ଲାକ୍ସ୍ମାନ ଦାସ, ପ୍ରଦୀପ କୁମାର ନାୟକ, ଅଭୟ କୁମାର ଦାସ,ଶରତ ଦାସ, ଶୈଳେନ୍ଦ୍ର ମହାନ୍ତି, କୈଳାସ ପାଣିଗ୍ରାହୀ, ବିଭୁତି ଦାସ, ସୁରେନ୍ଦ୍ର ନାଥ ଜେନା,ବିଜୟଲକ୍ଷ୍ମୀ ପଟ୍ଟନାୟକ, ବିଜୟିନୀ ଜେନା, ବିଲୋଚନ ପାତ୍ର, ପଚାଂନନ ମହାପାତ୍ର, ଗଦାଧର ରଥ, ଅଜୟ ମହାନ୍ତି, ଅମରେଶ ତ୍ରିପାଠୀ, ସଂଜୀବ କୁମାର ଦାସ, ରାଧାମୋହନ ନାୟକ, ଅଶୋକ ମହାପାତ୍ର, ସରୋଜ କୁମାର ସ୍ୱାଇଁ, ଡ. ସୁମନ ଦତ, ତ୍ରିଲୋଚନ ଦାସ, ସୁରେନ୍ଦ୍ର ପଣ୍ଡା, ଶରତ ଧଳ, ହରିଶ୍ଚନ୍ଦ୍ର ଭୂମିଜ, ଡ ଶକ୍ତିପ୍ରସାଦ ସାମନ୍ତରାୟ ପ୍ରମୁଖ ବହୁ ବ୍ୟକ୍ତି ଶ୍ରୋତା ଭାବରେ ଯୋଗଦାନ କରିଥିଲେ ।

ସୁନ୍ଦରଗଡ଼ଠାରେ ପାଳିତ ହେଲା ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ

ସୁନ୍ଦରଗଡ଼,୨୨/୬(ନି/ପ୍ର): ସୁନ୍ଦରଗଡ଼ ଠାରେ ପାଳିତ ହୋଇଯାଇଅଛି ଅନ୍ତର୍ଜାତୀୟ ଯୋଗ ଦିବସ । ସ୍ଥାନୀୟ ଭବାନୀ ଭବନ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଠାରେ ଆୟୋଜିତ ହୋଇଯାଇଅଛି ଏହି ଜିଲ୍ଲା ସ୍ତରୀୟ ଅର୍ନ୍ତଜାତୀୟ ଯୋଗ ଦିବସ। ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଚଳିତ ବର୍ଷ ର ବିଷୟ ରହିଥିଲା 'ସୁସ୍ଥ ବାର୍ଦ୍ଧକ୍ୟ ନିମନ୍ତେ ଯୋଗ। ଜିଲ୍ଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଶ୍ରୀ ସନ୍ତୋଷ ଅମାତ, ସୁନ୍ଦରଗଡ଼ ପୌରପରିଷଦର ଅଧକ୍ଷା ଶ୍ରୀମତୀ ତନୟା ମିଶ୍ର, ଉପାଧକ୍ଷ ଶ୍ରୀ ଲଲାଟେନ୍ଦୁ ପରିଡ଼ା, ପୂର୍ବତନ ବିଧାୟିକା ଶ୍ରୀମତୀ କୁସୁମ ଟେଟେ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୂରଜ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ଅଭିମନ୍ୟୁ ମାଝୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସୁରଞ୍ଜନ ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ମହେନ୍ଦ୍ର ମୁର୍ମୁ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶ୍ରୀ ଧୀରେନ୍ଦ୍ର ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ସୁଶୀଲ ମିଶ୍ର, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ ଏବଂ ବହୁ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇ ଯୋଗାଭ୍ୟାସ କରିଥିଲେ। ଏହି ଅବସରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଶ୍ରୀ ଅମାତ ଦୈନନ୍ଦିନ ଜୀବନରେ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ନିୟମିତ ଯୋଗ ଅଭ୍ୟାସ ଦ୍ୱାରା ଆମେ ବିଭିନ୍ନ ରୋଗ ରୁ ମୁକ୍ତି ପାଇପାରିବା ଏବଂ ଯୋଗ ଦ୍ୱାରା ଉଭୟ ମାନସିକ ଓ ଶାରୀରିକ ସୁସ୍ଥତା ବଜାୟ ରଖାଯାଇପାରିବ। ତେଣୁ ସମସ୍ତେ ନିୟମିତ ନିହାତି ଯୋଗ ଅଭ୍ୟାସ କରିବା ଜରୁରୀ ବୋଲି ନିଜ ଅଭିଭାଷଣରେ କହିଥିଲେ। ପରେ ପରେ ସମସ୍ତ ଅତିଥି ଏବଂ ଅଂଶଗ୍ରହଣକାରୀ ମାନେ ବିଭିନ୍ନ ଯୋଗ ଏବଂ ପ୍ରାଣାୟାମ ଅଭ୍ୟାସ କରିଥିଲେ। ଏହି ଅବସରରେ ସୁସ୍ଥତା କୁ ପ୍ରାଥମିକତା ଦେବା ନେଇ ଏକ ଶପଥ ପାଠ ମଧ୍ୟ କରାଯାଇଥିଲା।

ରାଉରକେଲା କଲେଜରେ ଅନ୍ତର୍ଜାତୀୟ ଯୋଗ ଦିବସ ଅନୁଷ୍ଠିତ

ରାଉରକେଲା,୨୨/୬(ନି/ପ୍ର): ୧୨ତମ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସ୍ଥାନୀୟ ସେକ୍ଟର -୪ସ୍ଥିତ ରାଉରକେଲା କଲେଜ ପରିସରରେ ଏକ ଯୋଗ କାର୍ଯ୍ୟକ୍ରମ 'ଯୋଗ ମହୋତ୍ସବ ସମିତି, ଓଡ଼ିଶା', 'ପାତଞ୍ଜଳି ଯୋଗ କେନ୍ଦ୍ର, ସେକ୍ଟର -୨୦', 'ରାଉରକେଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରାଉରକେଲା' ଏବଂ 'ରାଉରକେଲା କଲେଜ, ରାଉରକେଲା'ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପିକା ଭାରତୀ ବରୁଆଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜର ଅଧକ୍ଷ ଡଃ ରବୀନ୍ଦ୍ର କୁମାର ଜେନା ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ ସହ ଏ ବର୍ଷର ଥିମ୍ 'ଯୋଗ-୩୬୫' ଉପରେ ଗୁରୁତ୍ୱାରୋପ କରିଥିଲେ । ଯୋଗଗୁରୁ ହେମନ୍ତ କୁମାର ଜେନା, ଶିକ୍ଷିକା ସସ୍ମିତା ବେହେରା, ପୁଷ୍ପିତା ମହାପାତ୍ର ଯୋଗ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କଲେଜର ବହୁ ଛାତ୍ର-ଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ତଥା ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଯୋଗ କରିବା ସହିତ ସୁସ୍ଥ ଜୀବନ, ସାମାଜିକ ସୌହାର୍ଦ୍ଦ୍ୟଭାବ, ରାଷ୍ଟ୍ରୀୟ ଏକତା ତଥା ବିଶ୍ୱ ମଙ୍ଗଳ ନିମନ୍ତେ ସଂଙ୍କଳ୍ପ ପାଠ କରିଥିଲେ। ଜାତୀୟ ସେବା ଯୋଜନା, କଲେଜ ସଂଯୁକ୍ତ ଶାଖା ପ୍ରୋଗ୍ରାମ ଅଫିସର ଅଧ୍ୟାପକ କରୁଣାକର ପାଢଶାଣୀ,ସଫଳତାରେ ସହଯୋଗ କରିଥିଲେ।

ମହାସମାରୋହରେ ମାତା ପାର୍ବତୀଙ୍କ ସହ ଜଳେଶ୍ୱର ଦେବଙ୍କ ଦିବ୍ୟ ବିବାହ ସମ୍ପନ୍ନ

ରାଉରକେଲା,୨୨/୬(ନି/ପ୍ର): ଗତ ଗୁରୁବାର ଦିନ ଆଦ୍ୟା ଶକ୍ତିମାତା ପାର୍ବତୀଙ୍କ ବିବାହ ଜଳେଶ୍ୱର ମହାଦେବଙ୍କ ସହ ସ୍ଥାନୀୟ ଉଦିତନଗର ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆଧାତ୍ମିକ କନ୍ୟାପକ୍ଷରୁ ଡକ୍ଟର କିଶୋରୀ ଦାଶଙ୍କ ଆୟୋଜନ ଓ ଆଧାତ୍ମିକ ପୁତ୍ର ପକ୍ଷରୁ ରାଜୁ ମଲ୍ଲଙ୍କ ଆୟୋଜନ ରେ ସମସ୍ତ ଲୌକିକ ପରମ୍ପରାନୁସାରେ ମହା ସମାରୋହରେ ବିବାହ ସମ୍ପନ୍ନ ହୋଇଯାଇଛି। ଦେବବିବାହ ପୂର୍ବରୁ ବୁଧବାର ଦିନ କନ୍ୟା ପିତ୍ରାଳୟ,ବାସନ୍ତୀ କଲୋନୀ ସ୍ଥିତ ମିରକ୍ଷଶିଷ ଷ୍ଟଡ଼ିସର୍କିଲ ଠାରେ ଉଭୟ ପରିବାର ଓ ବନ୍ଧୁ ବାନ୍ଧବଙ୍କ ଉପସ୍ଥିତି ରେ ପତ୍ରପେଣ୍ଡି ବା ନିର୍ବନ୍ଧ କାର୍ଯ୍ୟ ସମାପନ ପରେ ସନ୍ଧ୍ୟାରେ ଜଗତଜନନୀଙ୍କୁ ମନ୍ଦିରରୁ ଏକ ଶୋଭାଯାତ୍ରାରେ ଅଣାଯାଇ ସ୍ୱାଗତପାଇଁ ମହାପୂଜା ଓ ମଙ୍ଗଳ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଡକ୍ଟର କିଶୋରୀ ଦକ୍ଷଶଙ୍କ ମାତା ଦିବଂଗତା ଇନ୍ଦୁମତୀ ଦାଶଙ୍କ ଜନ୍ମଶତବାର୍ଷିକ ପାଳନ ଉପଲକ୍ଷେ ଆୟୋଜିତ ଏହିଦିବ୍ୟକର୍ମର ଏକ ଅଂଶ ଭାବରେ ମଙ୍ଗଳଉତ୍ସବ ସନ୍ଧ୍ୟା ରେ ଆୟୋଜିତ ସ୍ୱତନ୍ତ୍ର ପାଠଚକ୍ରର ବିଷୟବସ୍ତୁ ଥିଲା 'ମାତା ପାର୍ବତୀଙ୍କ ପୃଥିବୀ ପୃଷ୍ଠରେ ମାନବୀୟ ଲୀଳାଖେଳା' ଯାହାର ବରେଣ୍ୟ ବକ୍ତା ଭାବେ ସୁଦୂର ବ୍ରହ୍ମପୁରରୁ ଆସିଥିବା ବିଶିଷ୍ଟ ମାତୃ ସାଧକ ଭାଗିରଥି ମହାପାତ୍ର ଯୋଗଦେଇଥିଲେ । ଦେବବିବାହ ଦିନ ସକାଳେ ବରପିତା ମଲ୍ଲ ପରିବାର ତରଫରୁ ଶ୍ରୀ ଶ୍ରୀ ଜଳେଶ୍ୱରଙ୍କ ଉପଲକ୍ଷେ ଆୟୋଜିତ ରୁଦ୍ରାଭିଷେକ ରେ ଉଭୟ ପରିବାର ର ଉପସ୍ଥିତରହି ଦେବାଶିଷ ଗ୍ରହଣ ଥିଲେ। ସନ୍ଧ୍ୟା ରେ ମହାଦେବଙ୍କ ପିତା ଲୌକିକ ଦାୟିତ୍ୱ ଥିବା ରାଜେନ୍ଦ୍ର ମଲ୍ଲ ଓ ତାଙ୍କ ବନ୍ଧୁ ପରିବାର ମହାଆଡମ୍ବରେ ବାଜା ରୋଶଣି ସହ ବରଯାତ୍ରୀ ହୋଇ ଆସିଥିବା ବେଳେ କନ୍ୟାପିତା ଭାବେ ଶରତ କୁମାର ଦାଶ ଓ ତାଙ୍କ ବନ୍ଧୁ ପରିଜନ ଓ ପରିବାରବର୍ଗ ବରଯାତ୍ରୀ ଙ୍କୁ ଭବ୍ୟ ସ୍ୱାଗତ କରିଥିଲେ ଓ ପ୍ରାୟ ଦେଢ଼ ହଜାର ଲୋକ ଙ୍କ ପାଇଁ ପ୍ରସାଦ ସେବନ ର ବ୍ୟବସ୍ଥା କରିଥିଲେ। ଏହି ଅବସର ରେ ଏକ ଭଜନ ସନ୍ଧ୍ୟାର ମଧ୍ୟ ଆୟୋଜନ ହୋଇଥିଲା। ଏହି ଦେବ ବିବାହ ରାତ୍ରି ୮ଟା ରେ ଆରମ୍ଭ ହୋଇ ୧୨ଟା ରେ ସମାପ୍ତ ହୋଇଥିଲା। ପ୍ରକାଶ ଥାଉକି ପଶ୍ଚିମ ଓଡିଶା ର ସାଂସ୍କୃତିକ ରୀତି ନୀତି ଅନୁଯାୟୀ ଯଥା ବରକୁ ବାଟବରଣ, କେବଳ ମହିଳା ମାନଙ୍କ ଦ୍ୱାରା ପାନପତ୍ରରେ ମହାଦେବଙ୍କୁ ଗାଲସେକା, ବେଦିରେ ସମୁଦୀ ଭେଟ ଇତ୍ୟାଦି କର୍ମ କରାଯାଇଥିଲା । ପ୍ରକାଶ ଥାଉକି ପାଣିଗ୍ରହଣ ସମୟ ରେ ସର୍ବ ସର୍ବସାଧାରଣ ମନେ ମଧ୍ୟ ସକ୍ରୀୟ ଅଂଶ ଗ୍ରହଣ କରିଥିଲେ। ମାତା ଙ୍କ ବଡ଼ଭାଇ ଭାବେ ଇଂ. ଅଜିତ ଦାଶ, ଅନ୍ତର୍ଯ୍ୟାମୀ ଓ ଗିରିନ୍ଦ୍ର କାର୍ଯ୍ୟ ନିର୍ବାହ କରିଥିଲା ବେଳେ ମାମୁଁ ଭାବେ ଭାଗିରଥି ମହାପାତ୍ର, ଡାକ୍ତର ଗୋପାଳ କର ଓ ଗୋପାଳ ଦାଶ ବେଦୀ କାର୍ଯ୍ୟ ତୁଲାଇ ଥିଲେ। ଏଥିରେ ସୁଦୂର ଉଦୟପୁର ପ୍ରଫେସର ହେମଲତା ତଲେଶ୍ରା, ନାଗପୁର ରୁ ଆଇଏଏସ ଉଷାଶୀ ଗୁହ ,ସମ୍ବଲପୁରର ରୁ ମୀନକେତନ ପାଠୀ, ସୂର୍ଯ୍ୟ ପଟ୍ଟନାୟକ, ଜିତେନ୍ଦ୍ରିୟ ସେଠ୍, ପାର୍ବତୀ ସେଠ୍ ଓ ନିରୁପମା ବଡ଼ପଣ୍ଡା ପ୍ରମୁଖ ଏଥିରେ ଯୋଗଦାନ କରିଥିଲେ। ଏହି ଦେବ କାର୍ଯ୍ୟରେ ପ୍ରକାଶ ଚନ୍ଦ୍ର ପାଢ଼ୀ, ସ୍ୱରୂପ ପାଣିଗ୍ରାହୀ,ଅକ୍ଷୟ ଦାସ,ଡକ୍ଟର ଚନ୍ଦ୍ରକାନ୍ତି ନାୟକ,ଡକ୍ଟର ସରୋଜିନୀ ସାହୁ,ଡକ୍ଟର ବିଜୟ ସାହୁ, ଭଗବାନ ପତି,ସୂର୍ଯ୍ୟ ପାଢ଼ୀ, ଡାକ୍ତର ପ୍ରଶାନ୍ତ ପାତ୍ର,ଡାକ୍ତର ସୌଭାଗ୍ୟ ଦାଶ, ମଦନ ବେହେରା, ଶୁଭେନ୍ଦୁ ପଣ୍ଡା,ଅଶୋକ ଭାଇନ୍ସଲ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।ଅର୍ପଣ କରିଛନ୍ତି।

ଓଡ଼ିଶା ମହୋତ୍ସବରେ ଉତ୍କଳଶ୍ରୀ ସମ୍ମାନ ରେ ସମ୍ମାନିତ ହେଲେ କୁଞ୍ଜବିହାରୀ, ମନୋରଞ୍ଜନ ଓ ଅଶୋକ

ହାପି ମୋମେଂଟସ ଇଣ୍ଡିଆର ଓଡିଶା ମହୋତ୍ସବ ସମ୍ପନ୍ନ

ରାଉରକେଲା,୨୨/୬(ନି/ପ୍ର): ସହରର ଅନ୍ୟତମ ସାମାଜିକ ଅନୁଷ୍ଠାନ ହାପି ମୋମେଂଟସ ଇଣ୍ଡିଆର ରାଜ୍ୟସ୍ତରୀୟ ସମ୍ମିଳନୀ ଓଡିଶା ମହୋତ୍ସବ ୨୦୨୬ ସମ୍ବଲପୁର ର ତପସ୍ୱିନୀ ଅଡିଟୋରିୟମ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଅଧକ୍ଷତା ଓ ତର୍ପଣ କୁମାର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜର୍ଣ୍ଣାଲିଷ୍ଟ ଆସୋସିଏସନର ଉପସଭାପତି ତଥା କବି କୁଞ୍ଜବିହାରୀ ରାଉତ, ରାଉରକେଲା ସମ୍ବାଦ ସଂସ୍କରଣ ର ସହ ସମ୍ପାଦକ ଅଶୋକ କୁମାର ପାତ୍ର, ଜଣାଶୁଣା ହାସ୍ୟ ଅଭିନେତା ଯୋଗେଶ ଯୋଯୋ ଓ ଟିଙ୍କୁ ଟିଙ୍ଗାଲି ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି ମତ ରଖିଥିଲେ। ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଡାକ୍ତର ରାମଚନ୍ଦ୍ର ମେହେର, ଆଲୋକ କୁମାର ପଣ୍ଡା,ପ୍ରଦୀପ ଯୋଶୀ, ଗଜେନ୍ଦ୍ର ମେହେର ,ସତ୍ୟରଞ୍ଜନ ବେହେରା, ଦେବାନନ୍ଦ ବାବୁ, କାର୍ନ୍ଦିକେଶ୍ୱର ନନ୍ଦ,ଡ ମୀନତି ମିଶ୍ର,ଡ ସୁଜାତା ପଣ୍ଡା, ଚିନ୍ନରଞ୍ଜନ ବେହେରା, ଗୋପାଳ କୃଷ୍ଣ ଦାସ,ସୁମିତ୍ରା ପତ୍ରୀ ପ୍ରମୁଖ ଯୋଗଦେଇ ଅନୁଷ୍ଠାନ ଓ କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ତଥା କବି କୁଞ୍ଜବିହାରୀ ରାଉତ, ଅଶୋକ କୁମାର ପାତ୍ର ଓ ମନୋରଞ୍ଜନ ଦାଶ ଙ୍କୁ ଉତ୍କଳଶ୍ରୀ ସମ୍ମାନ ରେ ସମ୍ମାନିତ କରାଯାଇଥିଲା। ସେହିପରି ରାଜ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିବିଶେଷଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ,ଶିଶୁ କଳାକାର ସମ୍ମାନ,ମଦର ଟେରେସା ସେବା ସମ୍ମାନ, ଶ୍ରୀକ୍ଷେତ୍ର କଳାରତ୍ନ ସମ୍ମାନ,ଏପିଜେ ଅବଦୁଲ କାଲାମ ପ୍ରଫେସନାଲ ସମ୍ମାନ, ଉତ୍କଳ କବିରତ୍ନ ସମ୍ମାନ, ଓଡ଼ିଆ ଲିଟେରେଚର ଏକ୍ସଲେନ୍ସ ସମ୍ମାନ, ଉତ୍କଳ ବିଦ୍ୟାରତ୍ନ ସମ୍ମାନ, ଓଡ଼ିଶା ସାହିତ୍ୟ ଗୌରବ ସମ୍ମାନ, ଶ୍ରେଷ୍ଠ ନାଗରିକ ସମ୍ମାନ, ଶ୍ରେଷ୍ଠ କବି ସମ୍ମାନ, କଲ୍ପରାଲ ଏକ୍ସଲେନ୍ସ ଆୱାର୍ଡ, ଶ୍ରୀକ୍ଷେତ୍ର ସେବାରତ୍ନ ସମ୍ମାନ, ଉତ୍କଳ ସେବା ସାରଥୀ ସମ୍ମାନ,ନାରୀ ସଶକ୍ତିକରଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ଅଧକ୍ଷ ଶ୍ରୀ ପଣ୍ଡା ଅନୁଷ୍ଠାନର ଆଭିମୁଖ୍ୟ ଓ ଉପଦେଷ୍ଟା ଶ୍ରୀ ରାଉତ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ପ୍ରଥମରେ ଦେବିକା ଘୋଷ,ସୋମି ବାନାର୍ଜୀ ଓ ଆଲୋକ ପଣ୍ଡାଙ୍କ ସାଥୀ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ରେ ସର୍ବଶ୍ରୀ ଦିବାକର ଦାସ,ସତ୍ୟମ ମୋଦକ, ରବର୍ଟ ହାଇଫିଲ,ଦେବିକା ଘୋଷ,ବିଭାଷିନୀ ପଟ୍ଟନାୟକ, ଶଙ୍କର ବେହେରା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା କବିମାନେ ସ୍ୱରଚିତ କବିତା ପାଠ କରିଥିଲେ।

ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଏହାର ଯୋଗ କେନ୍ଦ୍ରଗୁଡ଼ିକ ମାଧ୍ୟମରେ ସ୍ୱାସ୍ଥ୍ୟ ଓ କଲ୍ୟାଣର ସଂସ୍କୃତିକୁ ପ୍ରୋତ୍ସାହନ

ରାଉରକେଲା,୨୨/୬(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା, ଯୋଗକୁ ପ୍ରୋତ୍ସାହନ ଦେଇ ଇସ୍ପାତ ସହରର ବାସିନ୍ଦାମାନଙ୍କ ମଧ୍ୟରେ ଏକ ସୁସ୍ଥ ଜୀବନଶୈଳୀ ବା କଲ୍ୟାଣର ସଂସ୍କୃତିକୁ ଆଗେଇ ନେବାରେ ସହାୟକ ହୋଇଛି। ସାରା ଇସ୍ପାତ ସହରର କମ୍ୟୁନିଟି ସେଣ୍ଟରଗୁଡ଼ିକରେ କାର୍ଯ୍ୟକ୍ଷମ ଥିବା ୧୪ଟି ଯୋଗ କେନ୍ଦ୍ରର ଏକ ସୁଦୃଢ଼ ନେଟୱର୍କ ମାଧ୍ୟମରେ, ଆର.ଏସ.ପି. ବର୍ଷସାରା ବାସିନ୍ଦାମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ, କଲ୍ୟାଣ ଏବଂ ସାମଗ୍ରିକ ଜୀବନଶୈଳୀର ସଂସ୍କୃତିକୁ ନିରନ୍ତର ଭାବେ ବୃଦ୍ଧି କରିବାରେ ଲାଗିଛି। ଟାଉନସିପ୍ ?ର ବିଭିନ୍ନ ସେକ୍ଟରରୁ ପ୍ରାୟ ୯୦୦ ବାସିନ୍ଦା ନିୟମିତ ଭାବେ ଏହି ଅଧିବେଶନଗୁଡ଼ିକରେ ଅଂଶଗ୍ରହଣ କରୁଛନ୍ତି, ଯାହାଦ୍ୱାରା ସେମାନେ ଶାରୀରିକ ସୁସ୍ଥତା, ମାନସିକ କଲ୍ୟାଣ, ନମନୀୟତା, ଏକାଗ୍ରତା ଏବଂ ସାମଗ୍ରିକ ଜୀବନ ମାନରେ ଉନ୍ନତି ଅନୁଭବ କରୁଛନ୍ତି। ପତଞ୍ଜଳି ଯୋଗ ପୀଠର ପ୍ରଶିକ୍ଷିତ ଯୋଗ ଗୁରୁ ମାନଙ୍କ ମାର୍ଗଦର୍ଶନରେ ପରିଚାଳିତ ଏହି ଯୋଗ ଅଧିବେଶନଗୁଡ଼ିକରେ ଶାରୀରିକ ଶକ୍ତି ଏବଂ ଆଭ୍ୟନ୍ତରୀଣ ସନ୍ତୁଳନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ବିଭିନ୍ନ ଯୋଗାସନ, ପ୍ରାଣାୟାମ, ଧ୍ୟାନ ଏବଂ ଶିଥିଳିକରଣ କୌଶଳ ଅନ୍ତର୍ଭୁକ୍ତ ରହିଛି। ଏହି ନିୟମିତ ଅଭ୍ୟାସ ଆଜିର ଦ୍ରୁତ ପ୍ରଗତିଶୀଳ ଦୁନିଆରେ ଅଂଶଗ୍ରହଣକାରୀମାନଙ୍କୁ ଚାପ ପରିଚାଳନା କରିବାରେ, ଶରୀରର ମୁଦ୍ରା ରେ ଉନ୍ନତି ଆଣିବାରେ ଏବଂ ଅଧିକ ମାନସିକ ସହନଶୀଳତା ଗଠନ କରିବାରେ ସାହାଯ୍ୟ କରିଛି। ଏଥିରେ କୌଣସି ସନ୍ଦେହ ନାହିଁଯେ, ଏହି କେନ୍ଦ୍ରଗୁଡ଼ିକ ବିଭିନ୍ନ ବୟସର ଏବଂ ବିଭିନ୍ନ ବର୍ଗର ଲୋକଙ୍କୁ ଏକତ୍ରିତ କରି ସ୍ୱାସ୍ଥ୍ୟ ଓ କଲ୍ୟାଣର ଏକ ଜୀବନ୍ତ କେନ୍ଦ୍ରରେ ପରିଣତ ହୋଇଛି। ଯୁବା, ଛାତ୍ରଛାତ୍ରୀ ଏବଂ ବୃତ୍ତିଧାରୀଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ନାଗରିକଙ୍କ ପର୍ଯ୍ୟନ୍ତ, ଏହି ଯୋଗ କେନ୍ଦ୍ରଗୁଡ଼ିକ ସମସ୍ତଙ୍କ ପାଇଁ ଯୋଗକୁ ଏକ ଦୈନନ୍ଦିନ ଅଭ୍ୟାସ ଏବଂ ଜୀବନଶୈଳୀ ରେ ପରିଣତ କରିଛି । ଫିଟ୍ ଇଣ୍ଡିଆ ମୁଭମେଂଟର ଦୂରଦୃଷ୍ଟି ଏବଂ ସାମଗ୍ରିକ ସୁସ୍ଥତା ଉପରେ ବଢୁଥିବା ଗୁରୁତ୍ୱ ସହ ସାମଞ୍ଜସ୍ୟ ରଖି ଆର.ଏସ.ପି. ସମାଜ ପାଇଁ ଯୋଗକୁ ସହଜଲଭ୍ୟ କରିବା ପାଇଁ ନିଜର ପ୍ରଚେଷ୍ଟାକୁ ଅଧିକ ଫଳପ୍ରଦ କରିବାରେ ପ୍ରୟାସରତ । ବର୍ଷ ବର୍ଷ ଧରି ଅଂଶଗ୍ରହଣକାରୀଙ୍କ ଉତ୍ସାହଜନକ ପ୍ରତିକ୍ରିୟା ଏକ ସୁସ୍ଥ ଏବଂ ସୁଖୀ ସମାଜ ଗଠନରେ ଏହି କେନ୍ଦ୍ରଗୁଡ଼ିକର ସକାରାତ୍ମକ ପ୍ରଭାବର ପ୍ରମାଣ ଦିଏ। ଆର.ଏସ.ପି. ର ବର୍ଷତମାମ ଚାଲୁଥିବା ଏହି ଯୋଗ ଉପକ୍ରମ ଏକ ଉଜ୍ଜ୍ୱଳ ଉଦାହରଣ ସଦୃଶ ଯେ, କିପରି ନିରନ୍ତର ସାମୁଦାୟିକ ସହଭାଗିତା ସ୍ୱାସ୍ଥ୍ୟ ରକ୍ଷା ପାରି ଏକ ସାମୟିକ କାର୍ଯ୍ୟକଳାପ କୁ ଏକ ଆଜୀବନ ଅଭ୍ୟାସରେ ପରିଣତ କରିପାରେ।

ଗାୟତ୍ରୀ ପରିବାରର ଆନ୍ତର୍ଜାତିକ ଯୋଗ ଦିବସ ପାଳନ

ବଲାଙ୍ଗୀର,୨୨/୬(ନି/ପ୍ର): ବଲାଙ୍ଗୀର ଗାୟତ୍ରୀ ଶକ୍ତି ପୀଠରେ ଗୋପାଳଜୀଉ ମନ୍ଦିର ପରିସରରେ ୧୨ ତମ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଇଥିଲା। ଗାୟତ୍ରୀ ପରିବାରର ସଦସ୍ୟ ସଦସ୍ୟାମାନଙ୍କ ବ୍ୟତୀତ, ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଦ୍ୟାଳୟ ଭାତୃ ଭଗିନୀ। ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେବା ସହିତ ସୁସ୍ଥ ଜୀବନ ପାଇଁ ଯୋଗକୁ ଜୀବନ ଶୈଳୀ ସହିତ ଯୋଡ଼ି ରଖିଲେ ସୁସ୍ଥ ଜୀବନ ନିରୋଗ ରହି ପାରିବ ବୋଲି ପ୍ରକାଶ କରିଥିଲେ। ପତଞ୍ଜଳୀ ଅନୁଷ୍ଠାନର ଯୋଗଗୁରୁ ଦୀନବନ୍ଧୁ ପଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମସ୍ତଙ୍କୁ ଯୋଗ ଅଭ୍ୟାସ କରାଇବା ସହିତ ବିଭିନ୍ନ ଆସନ ସ୍ୱାସ୍ଥ୍ୟ ଉପରେ କ'ଣ ପ୍ରଭାବ ପଡ଼ିଥାଏ ତାହା କହିଥିଲେ।

ଏସ୍ ଏସ୍ ଆର୍ ଭି ଏମ୍ ଇସ୍ପାତ ବିଦ୍ୟାଳୟର ଏନ୍ଆଇଟି ସହିତ ବୁଝାମଣା ପତ୍ର ସ୍ୱାକ୍ଷରିତ

ବିଦ୍ୟାଳୟ ଶିକ୍ଷାର ଏକ ନବ ଦିଗନ୍ତର ଉନ୍ମୋଚନ

ରାଉରକେଲା,୨୨/୬(ନି/ପ୍ର): ଏସ୍ ଏସ୍ ଆର୍ ଭି ଏମ୍ ଇସ୍ପାତ ବିଦ୍ୟାଳୟ ସମୁହ ର ଛାତ୍ରଛାତ୍ରୀ ମାନଙ୍କ ମେଧା ଶକ୍ତିର ବିକାଶ ଉପଲକ୍ଷେ ଏନ୍ ଆଇ ଟି (ରାଉରକେଲା) ସହିତ ଏକ ବୁଝାମଣା ପତ୍ର ଗତ ଜୁନ୍ ୧୯ ତାରିଖରେ ସ୍ୱାକ୍ଷରିତ ହୋଇ ଯାଇଛି। ଏହି ବୁଝାମଣା ପତ୍ର ଅନୁଯାୟୀ ଏସ୍ ଏସ୍ ଆର୍ ଭି ଏମ୍ ବିଦ୍ୟାଳୟ ସମୁହ ର ନବମ ଶ୍ରେଣୀ ରୁ ଦ୍ୱାଦଶ ଶ୍ରେଣୀ ର ଛାତ୍ରଛାତ୍ରୀ ମାନେ ରାଉରକେଲା ଏନ୍ ଆଇ ଟି ଠାରୁ ଶିକ୍ଷା ଗତ ସହଯୋଗ ଲାଭ କରିବେ। ଏହି ବୁଝାମଣା ଅନୁଯାୟୀ, ବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ଏନ୍ ଆଇ ଟି ର ବିଭିନ୍ନ ପ୍ରୟୋଗ ଶାଳା, ଯାନ୍ତ୍ରିକ ବିଭାଗ, ଗବେଷଣା କେନ୍ଦ୍ର ତଥା ଉଦ୍ଭାବନ କେନ୍ଦ୍ର ଗୁଡ଼ିକ ର ପ୍ରଯୁକ୍ତି ପ୍ରଦର୍ଶନୀ, ସେମିନାର, କର୍ମଶାଳା ଏବଂ ମାର୍ଗ ଦର୍ଶନ କାର୍ଯ୍ୟକ୍ରମ ଗୁଡିକ ରେ ଅଂଶଗ୍ରହଣ କରିବାର ସୁଯୋଗ ଲାଭ କରିବେ। ଏହି ନୂଆ ପଦକ୍ଷେପ ଫଳରେ ବିଦ୍ୟାଳୟ ସମୁହ ର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା, ସୃଜନଶୀଳତା, ଉଦ୍ଭାବନ ମାନସିକତା, ଉଚ୍ଚ ଶିକ୍ଷା ସମ୍ପର୍କରେ ସଚେତନତା ର ବିକାଶ ଘଟାଇବ ଏବଂ ଭବିଷ୍ୟତରେ ଉଚ୍ଚଶିକ୍ଷା ପାଇଁ ଏକ ନିର୍ଣ୍ଣୟାତ୍ମକ ଦିଗ ଉନ୍ମୋଚନ କରିବ। ଏନ୍ ଆଇ ଟି ର ନିର୍ଦ୍ଦେଶକ ପ୍ରଫେସର ଡ କେ ଉମାଶଙ୍କର ରାଓ ଓ ଏସ୍ ଏସ୍ ଆର୍ ଭି ଏମ୍ ବିଦ୍ୟାଳୟ ସମୁହ ର ନିର୍ଦ୍ଦେଶକ ଡକ୍ଟର ଗିରିଜା ଶଙ୍କର ଦାସ ଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇ ଥିବା ଏହି ବୁଝାମଣା ପତ୍ର ଟି ତିନି ବର୍ଷ ଯାଏଁ ବଳବତର ରହିବ ବୋଲି ଜଣାପଡିଛି। ଏହି ବୁଝାମଣା ପତ୍ର ସ୍ୱାକ୍ଷର ସମୟ ରେ ଏସ୍ ଏସ୍ ଆର୍ ଭି ଏମ୍ ମୁମ୍ବାଇ ର ଅଧକ୍ଷା ଶୀମତୀ ଶ୍ରେୟା କଦମ୍, ମେକାନିକାଲ ଇଞ୍ଜିନିୟରିଂ ବିଭାଗ ର ପ୍ରାଧ୍ୟାପକ ଡ ଏସ୍ କେ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଏଭଳି ଏକ ନୂଆ ପଦକ୍ଷେପ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଅଭିଭାବକ ଙ୍କ ମଧ୍ୟରେ ନୂଆ ଆଶା ଓ ଆନନ୍ଦ ର ସଂଚାର କରିଛି ବୋଲି ବିଦ୍ୟାଳୟ ତଥା ଏନ୍ ଆଇ ଟି କର୍ତ୍ତୃପକ୍ଷଙ୍କ ବିବୃତି ରୁ ପ୍ରକାଶ।